ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୯୦
୧୭ ନଭେମ୍ବର, ୨୦୨୫ ସୋମବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 190
17th November, 2025 Monday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ଇତର କର୍ମଫଳାନି ଯଦୃଚ୍ଛୟା, ବିଲିଖିତାନି ସହେ ଚତୁରାନନ
ଅରସିକେଷୁ କବିତ୍ୱ ନିବେଦନଂ, ଶିରସି ମା ଲିଖ ମା ଲିଖ ମା ଲିଖ**

ହେ ବିଧାତା, ମୋ କପାଳରେ ଯାହା ଇଚ୍ଛା ତାହା କର୍ମଫଳ ଲେଖ ସେଥିରେ ମୋର ଆପତ୍ତି ନାହିଁ । ମାତ୍ର ଅରସିକ ଲୋକ ନିକଟରେ କବିତ୍ୱ ନିବେଦନ ଭଳି କର୍ମଫଳ ମୋ କପାଳରେ ଲେଖ ନାହିଁ ।

### ଉପାଧି

**... ବାଜିଗଲେ ଦୋଷ ନାହିଁ**

**ଯଦି ଓ କାହିଁକିର ଭଉଁରୀରେ...**

# ବିହାର: ପ୍ରତି ୬ ଜଣରେ ଜଣେ ମନ୍ତ୍ରୀ !



**ନୂଆଦିଲ୍ଲୀ, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଛି । ଆଉ ଏହାରି ଭିତରେ ଏନଡିଏ ମେଣ୍ଟ ବହୁମତ ହାସଲ କରିଛି ଏବଂ ନୂତନ ସରକାର ଗଠନ ପାଇଁ ନୂତନ ପ୍ରୟାସ ଆରମ୍ଭ କରିଛି । ମେଣ୍ଟର ସହଯୋଗୀ ଦଳଗୁଡ଼ିକର ଶୀର୍ଷ ନେତାମାନଙ୍କ ମଧ୍ୟରେ ବୈଠକ ଏବଂ ଆଲୋଚନା ଆରମ୍ଭ ହୋଇଛି । ଏହି ସମୟରେ, ନୂଆ ସରକାରଙ୍କ କ୍ୟାବିନେଟରେ ପ୍ରତ୍ୟେକ ଦଳର ଆସନ ଭାଗବଣ୍ଟାକୁ ନେଇ ଖବର ସାମ୍ନାକୁ ଆସୁଛି । ମନ୍ତ୍ରୀଙ୍କ ସଂଖ୍ୟା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବେ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ସୂତ୍ର ଅନୁସାରେ, ବିଧାୟକଙ୍କ ସଂଖ୍ୟା ଆଧାରରେ ପ୍ରତ୍ୟେକ ଦଳର ଜଣେ ମନ୍ତ୍ରୀ ନୂତନ ସରକାରଙ୍କ କ୍ୟାବିନେଟରେ ଯୋଗ ଦେବାକୁ ଯାଉଛନ୍ତି ।

ବିଭିନ୍ନ ବୈଠକ ମଧ୍ୟରେ ଏନଡିଏର ସହଯୋଗୀ ଦଳ ନେତାମାନେ କହିଛନ୍ତି ଯେ ସରକାର ଗଠନର ସମସ୍ତ କାର୍ଯ୍ୟ ଗୋଟିଏରୁ ଦୁଇ ଦିନ ମଧ୍ୟରେ ସମାପ୍ତ ହେବ । ସୂତ୍ର ଅନୁସାରେ ପ୍ରତ୍ୟେକ ଦଳ ପ୍ରତି ଛଅ ବିଧାୟକଙ୍କ ପାଇଁ ଗୋଟିଏ ମନ୍ତ୍ରୀ ପଦବୀ ପାଇପାରନ୍ତି । ଏହି ଫର୍ମୁଲା ସମସ୍ତ ଦଳ ମଧ୍ୟରେ କାର୍ଯ୍ୟକାରୀ ହେବ । ଏନଡିଏର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଏହି ପ୍ରସଙ୍ଗରେ ଏକ ସହମତି ପ୍ରକାଶ ପାଇଛି ବୋଲି ସୂଚନା ଆସିଛି ।

ଯଦି ଏହି ଫର୍ମୁଲା କାର୍ଯ୍ୟକାରୀ ହୁଏ ତେବେ ବିଜେପିକୁ ୧୫ରୁ ୧୬ଟି ମନ୍ତ୍ରୀ ପଦ ମିଳିପାରେ । ସେହିପରି ଜେଡିୟୁକୁ ୧୪ ମନ୍ତ୍ରୀ ପଦ, ଏଲ୍‌ଜେପିକୁ ୩, ଆରଏଲ୍‌ଏମକୁ ଗୋଟିଏ ଓ ହାମ୍‌କୁ ଗୋଟିଏ ମନ୍ତ୍ରୀ ପଦ ମିଳିପାରେ ।

ତେବେ ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ, କେନ୍ଦ୍ର ମନ୍ତ୍ରୀ ଏବଂ ଏଲଜେପି ମୁଖ୍ୟ ଚିରାଗ ପାସୱାନ କହିଛନ୍ତି କି, 'ଏହା ଖୁବ୍ ଶୀଘ୍ର ହେବ । ଆଲୋଚନା ଚାଲିଛି । ସରକାରଙ୍କ ରୂପରେଖ ଉପରେ ସ୍ପଷ୍ଟତା ଆସିବ । ମୁଁ ଭାବୁଛି ଆଜି ରାତି ସୁଦ୍ଧା, ମୁଁ ବରିଷ୍ଠ କେନ୍ଦ୍ର ମନ୍ତ୍ରୀମାନଙ୍କ ସହିତ ମଧ୍ୟ କଥା ହେବି, ଏବଂ ରୂପରେଖ ଆଜି କିମ୍ବା କାଲି ସୁଦ୍ଧା ପ୍ରସ୍ତୁତ ହୋଇଯିବ । ଆମକୁ ନଭେମ୍ବର ୨୨ ପୂର୍ବରୁ ସରକାର ଗଠନ କରିବାକୁ ପଡ଼ିବ ।

# ବଳଦେବଜୀଉ ପରମ୍ପରାକୁ ବିଶ୍ୱବ୍ୟାପୀ କରାଯିବ




**ଭୁବନେଶ୍ୱର/ କେନ୍ଦ୍ରାପଡ଼ା, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିରର ଐତିହ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ଏକ ସ୍ୱତନ୍ତ୍ରତା ରହିଛି । ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି । ଶ୍ରୀଜୀଉଙ୍କ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଶହେ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ଶ୍ରୀବଳଦେବଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ନେଇ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି । ଭୁବନେଶ୍ୱରସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବଳଦେବଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି । ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ଝୁଲଣ ମଣ୍ଡପ, ଚନ୍ଦନ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ନେଇ କି କି ପଦକ୍ଷେପ ନିଆଯିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡ଼ି ନକ୍ସାର ତର୍ଜମା କରିଥିଲେ । ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୋଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଦେବୋତ୍ତର ଆୟୁକ୍ତ ଲଳାଟେନ୍ଦୁ ଜେନା, ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀବଳଦେବଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ୧୮ରୁ କମି ୩୦ରୁ ବଢ଼ିବ ଜାଡ଼

**ଭୁବନେଶ୍ୱର, ୧୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖରା ଯେମିତି ଲୁଚକାଳି ଖେଳୁଥିଲା ଠିକ୍ ସେମିତି ଶୀତ ବି ଏଥର ଲୁଚକାଳି ଖେଳିବ । କେଉଁଦିନ ଶୀତ କମିବ ତ କେଉଁଦିନ ପୁଣି ଦାନ୍ତକାମୁଡା ଜାଡ ଜନଜୀବନକୁ ଅସ୍ତବ୍ୟସ୍ତ କରାଇବ । ଏଭଳି କିଛି ପୂର୍ବାନୁମାନ କରି ରାଜ୍ୟବାସୀଙ୍କୁ ଆଗୁଆ ସତର୍କ କରାଇଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ଶରତ ଚନ୍ଦ୍ର ସାହୁ । ବଡକଥା ହେଉଛି ଏବେ ଥଣ୍ଡାରେ ଥରୁଛି ସାରା ରାଜ୍ୟ । ଜାଡ ମାଡରେ ଜଡସଡ ହେଉଛି ଜୀବନ । ପାରଦ ତଳମୁହାଁ ହେବା ସାଙ୍ଗକୁ ବଢୁଛି ଶୀତର ପ୍ରକୋପ । ଉପକୂଳ, ପଶ୍ଚିମ, ଦକ୍ଷିଣ ଓଡିଶା ସବୁଠି ବଢିଲାଣି ଥଣ୍ଡା । କନ୍ଧମାଳ ଜିଲ୍ଲାରେ ୧୦ ଡିଗ୍ରୀ ତଳେ ପାରଦ ରହୁଥିବା ବେଳେ ଘନ କୁହୁଡି ସକାଳ ୯ଟା ପର୍ଯ୍ୟନ୍ତ ଛାଡିବାର ନା ଧରୁନି । ଏପଟେ ଆସନ୍ତା ୩୦ ତାରିଖ ପରଠୁ ଶୀତର ପ୍ରକୋପ ଆହୁରି ବଢ଼ିପାରେ, ତେଣୁ ଏହି ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ।

ବର୍ତ୍ତମାନ କିନ୍ତୁ ସଞ୍ଜ ନଇଁବା ମାତ୍ରକେ ବଢୁଛି ଥଣ୍ଡା । ଜନଗହଳିପୂର୍ଣ୍ଣ ରାସ୍ତା ଖାଁ ଖାଁ ହୋଇପଡୁଛି । ଉପକୂଳ, ପଶ୍ଚିମ, ଦକ୍ଷିଣ ଓଡିଶା ସବୁଠି ବଢିଲାଣି ଥଣ୍ଡା । କନ୍ଧମାଳ ଜିଲ୍ଲାରେ ୧୦ ଡିଗ୍ରୀ ତଳେ ପାରଦ ରହୁଥିବା ବେଳେ ଘନ କୁହୁଡି ସକାଳ ୯ଟା ପର୍ଯ୍ୟନ୍ତ ଛାଡିବାର ନା ଧରୁନି । ଓଡିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ରହିଛି । ବାଲିଗୁଡା, ଜି.ଉଦୟଗିରି, ରାଇକିଆ, ଟିକାବାଲି, ତୁମୁଡ଼ିବନ୍ଧ, କୋଟଗଡ ସମେତ ବିଭିନ୍ନ ଅଞ୍ଚଳରେ ଦିନ ତମାମ କୋହଲା ପବନ ସାଙ୍ଗକୁ ଥଣ୍ଡା ଅନୁଭୂତ ହେଉଛି । ଲୋକେ କାଠ ଜାଳି ନିଆଁର ସାହାରା ନେଉଛନ୍ତି । ଗଜପତି ଜିଲ୍ଲା ମୋହନା ଅଞ୍ଚଳରେ ମଧ୍ୟ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ପାରଦ ଖସୁଥିବା ବେଳେ ଘନ କୁହୁଡି ଲାଗି ରହିଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଚାହା ଦୋକାନରେ ଭିଡ ଦେଖିବାକୁ ମିଳିଛି ।

# ଆତ୍ମସମର୍ପଣ କଲେ ମାଓ ଦମ୍ପତି




**ବାଲିଗୁଡ଼ା, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦେଇଥିବା କଣ୍ଟ ଧୀରେଧୀରେ ପୁରିବାକୁ ବସିଲାଣି । ଆଉ ମାତ୍ର ସାଢ଼େ ୪ମାସ ପରେ ଆତ୍ମସମର୍ପଣ କରିନଥିବା ମାଓବାଦୀଙ୍କ ବିରୋଧରେ ସରକାର ଏବଂ ସୁରକ୍ଷା ବାହିନୀ କଡା କାର୍ଯ୍ୟାନୁଷ୍ଠାନ ନେବେ । କେନ୍ଦ୍ରର ଏହି ଚେତାବନୀ ଯୋଗୁଁ ମାଓବାଦୀମାନେ ଭୟଭୀତ ହେବାରେ ଲାଗିଲେଣି । ଗତମାସରେ ଶତାଧିକ ମାଓବାଦୀ ଆତ୍ମସମର୍ପଣ କରିଥିଲା ବେଳେ ଆଜି ମାଓ ଦଂପତି ପୁଲିସ ନିକଟରେ ହାଜର ହୋଇ ଅସ୍ତ୍ର ପରିତ୍ୟାଗ କରିଛନ୍ତି ।

ବାଂଶଧାରା-ଘୁମୁସର-ନାଗାବଳି (ବିଜିଏନ୍) ମାଓ ଡିଭିଜନ ଦମ୍ପତି ଫୁଲବାଣୀ ସଦରମହକୁମାରେ ଦକ୍ଷିଣାଞ୍ଚଳ ଆଇ.ଜି ନୀତି ଶେଖର ଓ କନ୍ଧମାଳ ଏସପି ହରିଶ ବିଶିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ୨୦୧୮ ମସିହାରୁ ମାଓ ଦମ୍ପତି ଉଙ୍ଗା କଲମୁ ଓରଫ କିଶୋର, ମେସେ ମାଡଭି ଛତିଶଗଡରୁ ଆସି କ୍ୟାଡ଼ର ଭାବେ କାମ କରୁଥିଲେ । ତାଙ୍କ ମୁଣ୍ଡରେ ୧ଲକ୍ଷ ଟଙ୍କା ଅର୍ଥ ରାଶି ପୁରସ୍କାର ଥିଲା ।

ସେମାନଙ୍କର କାର୍ଯ୍ୟ ଥିଲା ଦକ୍ଷିଣ-କେନ୍ଦ୍ର ***(ଶେଷ ପୃଷ୍ଠା ଦେଖନ୍ତୁ)***

### ଅତିଥି ଶିକ୍ଷକଙ୍କ ଭରସାରେ ମାଧ୍ୟମିକ ଶିକ୍ଷା

# ଦୁଇ ମାସ ପରେ ବି ଦରମା ନାହିଁ !

**କେନ୍ଦ୍ରାପଡ଼ା, ୧୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଦେଖାଦେଇଥିବା ଶିକ୍ଷକ ଅଭାବ ପୂରଣ ପାଇଁ ସରକାର କୌଣସି ଠୋସ୍ ପଦକ୍ଷେପ ନେଉନଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେଇ କାମ ଚଳାଉଛନ୍ତି । ହେଲେ ସ୍ୱଳ୍ପ ଦରମାରେ ନିଯୁକ୍ତ ଅତିଥି ଶିକ୍ଷକଙ୍କୁ ମାସ ଶେଷ ରେ ଦରମା ଗଣ୍ଡାକୁ ମିଳୁନାହିଁ । କେତେବେଳେ ଚାରିମାସରେ ଥରେ ତ କେତେବେଳେ ଛଅ ମାସରେ ଥରେ ପୁଣି କେତେବେଳେ ବର୍ଷକରେ ଥରେ ଦରମା ଦେଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଓ ନୈରାଶ୍ୟଭାବ ଦେଖାଦେଇଛି । ଦରମା ପ୍ରଦାନରେ ସରକାରଙ୍କ ଟାଳଟୁଳ ନୀତି କାରଣରୁ ବର୍ଷକ ପାଇଁ ଚୁକ୍ତିରେ ଶିକ୍ଷାଦାନ କରୁଥିବା ଅତିଥି ଶିକ୍ଷକମାନଙ୍କ ମଧ୍ୟରୁ ଅନେକ ପରବର୍ଷକୁ ଅତିଥି ଶିକ୍ଷକ ଭାବେ କାମ କରିବାକୁ ଅନାଗ୍ରହ ପ୍ରକାଶ କରୁଛନ୍ତି । ଫଳରେ ବିନା ଶିକ୍ଷକରେ ପିଲା କେମିତି ପାଠ ପଢବେ ଓ ସ୍କୁଲ ଗୁଡ଼ିକ କିପରି ତିଷ୍ଠି ରହିବ ତାହା ବଡ଼ ପ୍ରଶ୍ନବାଚୀ ହୋଇଛି ।

ଅନେକ ଶିକ୍ଷାବିତ୍‌ଙ୍କ କହିବା କଥାଯେ, ଶିକ୍ଷା ବିକାଶର ମୂଳ ଆଧାର । ସେଥିପାଇଁ ସ୍ୱାଧୀନ ଭାରତରେ ସରକାର ଶିକ୍ଷାକୁ ପ୍ରତ୍ୟେକ ଦେଶବାସୀଙ୍କ ନିକଟରେ ପହଂଚାଇବାକୁ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା କରିଛନ୍ତି । ବିଭିନ୍ନ ଅଂଚଳରେ ସଚେତନ ନାଗରିକ ଏକାଠି ହୋଇ ନିଜ ଗାଁ ରେ ନିଜ ପଂଚାୟତରେ ସ୍କୁଲ ଖୋଲିବା ସହିତ ଏହାକୁ ଦୀର୍ଘ ଦିନ ନିଜ ସାମର୍ଥ୍ୟରେ ପରିଚାଳନା କରି ଦେଶର ଶିକ୍ଷା ବିକାଶରେ ଭାଗିଦାର ହୋଇଛନ୍ତି । ସାଂପ୍ରତିକ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ମାଧ୍ୟମିକ ସ୍ତର ଯାଏ ସରକାର ସମସ୍ତଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନ କରିବାର ବ୍ୟବସ୍ଥା କରିଥିବା କୁହାଯାଉଛି ।

ରାଜ୍ୟରେ ବିଗତ ସରକାର ଯଦିଓ ପିଲା ହେଉନଥିବା ଦର୍ଶାଇ ଲୋକଙ୍କ ଦ୍ୱାରା ଖୋଲା ଯାଇଥିବା ଅନେକ ସ୍କୁଲକୁ ବନ୍ଦ କରିଦେଇଥିଲେ ତଥାପି ୫-ଟି ଜରିଆରେ ଚାଲୁରଥିବା ବହୁ ସ୍କୁଲର କୋଠାବାଡ଼ି ସହିତ ଭିତ୍ତିଭୂମି ବିକାଶ କରିଥିଲେ । ସାଂପ୍ରତିକ ରାଜ୍ୟ ସରକାର ସ୍କୁଲ ଗୁଡ଼ିକର ଭିତ୍ତିଭୂମି ବିକାଶକୁ ଆଉ ଟିକେ ଆଗକୁ ନେବା ପାଇଁ କାର୍ଯ୍ୟ କରୁଛନ୍ତି । ହେଲେ ଯେଉଁ ସାଧାରଣ ଲୋକଙ୍କ ପାଇଁ ସରକାର ଶିକ୍ଷା ଅଧିକାର ଆଇନ ଆଣି ସେମାନଙ୍କ ପିଲାମାନଙ୍କୁ ମାଧ୍ୟମିକ ସ୍ତର ଯାଏ ଶିକ୍ଷାଦାନ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ତାହା ଶିକ୍ଷକ ନିଯୁକ୍ତି ବିନା କେବଳ ଏହି ଭିତ୍ତିଭୂମି ବିକାଶରେ ସାଧିତ ହୋଇପାରିବ ନାହିଁ । ଗୋଟିଏ ସ୍କୁଲର ଉନ୍ନତ ଭିତ୍ତିଭୂମି ଯେ ଏକ ଶୈକ୍ଷିକ ପରିବେଶ ସୃଷ୍ଟି କରାଇବାରେ ସହାୟକ ହୋଇଥାଏ ଏଥିରେ ତିଳେମାତ୍ର ***(ଶେଷ ପୃଷ୍ଠା ଦେଖନ୍ତୁ)***

# ସ୍କୁଟି-ବାଇକ ମୁହାଁମୁହିଁ ଧକ୍କା: ୨ ମୃତ

**ଢେଙ୍କାନାଳ, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା କମଗରା ଗାଁ ବ୍ରାହ୍ମଣୀ ନଦୀ ବ୍ରିଜ ଉପରେ ବାଇକ ଓ ସ୍କୁଟି ମୁହାଁ ମୁହିଁ ଧକ୍କା ହେବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ମୃତକମାନେ ଢେଙ୍କାନାଳ ସଦର ଥାନା କେଉଟବେରେଣୀ ଗାଁର ହୋଇଥିବା ସୂଚନା । ମୃତ ଦୁଇ ବାଇକ ଆରୋହୀ ଢେଙ୍କାନାଳରୁ କାମାକ୍ଷାନଗର ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ । ତେବେ ଘଟଣା ସ୍ଥଳରେ ହିଁ ଦୁଇ ବାଇକ ଆରୋହୀଙ୍କର ***(ଶେଷ ପୃଷ୍ଠା ଦେଖନ୍ତୁ)***

# ବିଶ୍ୱବ୍ୟାଙ୍କର ୧୪ ହଜାର କୋଟି ବିହାର ନିର୍ବାଚନରେ ଖର୍ଚ୍ଚ ହୋଇଛି



**ପାଟନା, ୧୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ନିର୍ବାଚନ ଶେଷ ହେବା ପରେ ବିରୋଧୀ ଦଳମାନଙ୍କର ଗୋଟିଏ ପରେ ଗୋଟିଏ ବଡ ଅଭିଯୋଗ ସାମ୍ନାକୁ ଆସୁଛି । ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ବିହାର ନୀତୀଶ ସରକାରଙ୍କର ବିରୁଦ୍ଧରେ ଏକ ବଡ ଅଭିଯୋଗ ଆଣିଛି । ବିକାଶ ପ୍ରକଳ୍ପ ପାଇଁ ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪,୦୦୦ କୋଟି ଟଙ୍କାକୁ ନୀତୀଶ ସରକାର ଦୁରୁପଯୋଗ କରିଛନ୍ତି । ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମହିଳାମାନଙ୍କୁ ଯେଉଁ ୧୦,୦୦୦ ଟଙ୍କା ନଗଦ ହସ୍ତାନ୍ତର କରାଯାଇଥିଲା ତାହା ଏହି ଟଙ୍କାରୁ ଦିଆଯାଇଥିଲା । ଏଥିପାଇଁ ନିର୍ବାଚନ ପ୍ରଭାବିତ ହେଲା ବୋଲି ଦଳ ଅଭିଯୋଗ କରିଛି ।

ଦଳ ଅଭିଯୋଗ କରି କହିଛି ଯେ ଏହା ଲୋକଙ୍କ ଟଙ୍କାର ସ୍ପଷ୍ଟ ଅପବ୍ୟବହାର ଏବଂ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଏକ ଅନୈତିକ ପ୍ରୟାସ କରାଯାଇଛି । ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ ବୋଲି ଦଳ ଦାବି କରିଛି । ନିର୍ବାଚନ ପୂର୍ବରୁ ନୀତିଶ କୁମାରଙ୍କ ସରକାର ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଅଧୀନରେ ୧.୨୫ କୋଟି ମହିଳା ଭୋଟରଙ୍କ ଆକାଉଣ୍ଟକୁ ୧୦,୦୦୦ ଟଙ୍କା ସ୍ଥାନାନ୍ତର କରିଥିଲେ । ଏହା ହିଁ ବିହାରରେ ଏନଡିଏ ସରକାରକୁ ଏଭଳି ବଡ ବିଜୟ ଦେଇଥିଲା ବୋଲି ଅନେକ ରାଜନୈତିକ ବିଶ୍ଳେଷକ କହିଛନ୍ତି ।

ଶନିବାର ଏନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ଜନ ସୁରାଜ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ସିଂହ କହିଛନ୍ତି "ଏହି ନିର୍ବାଚନର ଫଳାଫଳକୁ ପ୍ରଭାବଶାଳୀ ଭାବରେ କିଣାଯାଇଛି । ଜୁନ୍ ୨୧ତାରିଖରୁ ଭୋଟ୍ ଦିନ ପର୍ଯ୍ୟନ୍ତ, ଏହି ଜନାଦେଶକୁ ସୁରକ୍ଷିତ ରଖିବା ପାଇଁ ପ୍ରାୟ ୪୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ସାଧାରଣ ଲୋକଙ୍କ ଟଙ୍କା ବ୍ୟବହାର କରି ସେମାନେ ମୂଳତଃ ଲୋକଙ୍କ ଭୋଟ୍ କିଣିଥିଲେ । ମୁଁ ଏହା ମଧ୍ୟ ଜାଣିବାକୁ ପାଇଛି ଯେ ବିଶ୍ୱ ବ୍ୟାଙ୍କରୁ ପ୍ରାପ୍ତ ପାଣ୍ଠିକୁ ଲୋକଙ୍କ ଆକାଉଣ୍ଟରେ ନଗଦ ସ୍ଥାନାନ୍ତର ପାଇଁ ବ୍ୟବହାର କରାଯାଇଥିଲା ।"

ଜେଏସପି ନେତା ଆହୁରି ଦାବି କରିଛନ୍ତି ଯେ ବିହାରର ଅର୍ଥନୀତି ଏତେ ବିପୁଳ ପରିମାଣର ଟଙ୍କା ପୁନରୁଦ୍ଧାର କରିବାକୁ ସକ୍ଷମ ନୁହେଁ ଏବଂ ସରକାର କ୍ଷମତାକୁ ଆସିବା ପରେ ଜନକଲ୍ୟାଣ ପାଇଁ ଖର୍ଚ୍ଚ କରିବାକୁ ଏବେ ଆଉ କିଛି ଟଙ୍କା ବାକି ନାହିଁ । ରାଜ୍ୟ ରାଜକୋଷ ଏବେ ଖାଲି ପଡ଼ିଛି ବୋଲି ଦଳର ପ୍ରବକ୍ତା ପବନ ବର୍ମା ଦାବି କରିଛନ୍ତି ।

ସେ କହିଛନ୍ତି "ଆମ ପାଖରେ ସୂଚନା ଅଛି, ଏହା ଭୁଲ ବି ହୋଇପାରେ ଯେ ରାଜ୍ୟର ମହିଳାମାନଙ୍କୁ ଦିଆଯାଇଥିବା ୧୦,୦୦୦ ଟଙ୍କା ଅନ୍ୟ ଡେଭଲପ ପ୍ରକଳ୍ପ ପାଇଁ ବିଶ୍ୱ ବ୍ୟାଙ୍କରୁ ଆସିଥିବା ୨୧,୦୦୦ କୋଟି ଟଙ୍କାରୁ ଦିଆଯାଇଥିଲା । ନିର୍ବାଚନ ପାଇଁ ଆଚରଣ ସଂହିତା ଲାଗୁ ହେବାର ଗୋଟିଏ ଘଣ୍ଟା ପୂର୍ବରୁ, ୧୪,୦୦୦ କୋଟି ଟଙ୍କା ବାହାର କରି ରାଜ୍ୟର ୧.୨୫ କୋଟି ମହିଳାଙ୍କୁ ବଣ୍ଟନ କରାଯାଇଥିଲା ।"

ସେ ଆହୁରି ମଧ୍ୟ କହିଛନ୍ତି, 'ଯଦି ଏହା ସତ, ତେବେ ପ୍ରଶ୍ନ ଉଠୁଛି ଯେ ଏହା କେତେଦୂର ନୀତିଗତ । ଏହା ସମ୍ଭବ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ସନ୍ଦିଗ୍ଧ ବାଂଲାଦେଶୀ ଅଟକ: ବନ୍ଧୁକ ଜବତ

**ଜଗତସିଂହପୁର, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଡ଼ା ଘରେ ୩୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀ ରହୁଥିବା ସନ୍ଦେହରେ ଚଢ଼ଉ କରିଛି ପୋଲିସ । ଚଢ଼ଉ ଦେଖି ଫେରାର ହୋଇଗଲେ ୧୦ରୁ ଊର୍ଦ୍ଧ୍ୱ । ହେଲେ ଧରାପଡ଼ିଗଲେ ୨ ଜଣ । ରବିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଜଗତସିଂହପୁର- ସଦର ଥାନା ବେହେରାମପୁର ବସ୍ତିରେ । ବର୍ତ୍ତମାନ ଘଟଣାସ୍ଥଳରେ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ।

ସୂଚନା ଅନୁସାରେ, ଜିଲା ସଦର ଥାନା ଅଧିନ ତରିକୁନ୍ଦ ଫାଣ୍ଡି ନିକଟ ବେହେରାମପୁର ବସ୍ତିରେ ଚଢ଼ାଉ କରି ଦୁଇ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଅଟକ ରଖିଛି । ଚଢ଼ାଉ ବେଳେ ଗୋଟିଏ ବନ୍ଧୁକ ଜବତ ସହିତ ବହୁ ପରିମାଣରେ ଖଣ୍ଡା, କଟୁରୀ ଆଦି ମାରଣାସ୍ତ୍ର ଜବତ କରାଯାଇଛି । ତେବେ ଘଟଣା ସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଘର ମାଲିକ ସିକନ୍ଦର ଆଲାମ ଓରଫ ସିକୁ ଫେରାର ହୋଇଯାଇଛି ।

ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିବା ସମୟରେ ସନ୍ଦିଗ୍ଧ ବାଂଲାଦେଶୀମାନଙ୍କ ସହିତ ପୋଲିସର ଧସ୍ତାଧସ୍ତି ହୋଇଥିଲା । ଏଥିରେ ଆଡିସନାଲ ଏସପିଙ୍କ ସହ ଦୁଇ ୨ କନେଷ୍ଟବଳ ଆହତ ହୋଇଛନ୍ତି । ଉକ୍ତ ବସ୍ତିରେ ୩୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବାଂଲାଦେଶୀ ଭଡ଼ା ଘରେ ରହୁଥିବା ବେଳେ ବହୁ ଲୋକଙ୍କ ଆଧାର କାର୍ଡ ନଥିବା ଜଣାଯାଇଛି । ଚଢ଼ଉ ବେଳେ ୧୦ରୁ ଊର୍ଦ୍ଧ୍ୱ ଫେରାର ହୋଇ ଯାଇଛନ୍ତି । ଘଟଣା ସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯିବା ସହିତ ଆଉ କେତେକ ବନ୍ଦ ଘରଗୁଡ଼ିକର ତାଲା ଭଙ୍ଗାଯାଇ ରେଡ କରାଯାଉଛି ।

# ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଶିକ୍ଷକଙ୍କୁ ମିଳୁନି ବର୍ଦ୍ଧିତ ଗ୍ରେଡ୍ ପେ




**ଭୁବନେଶ୍ୱର, ୧୬।୧୧ : ତଥ୍ୟ**

ସ୍ୟାଟ୍‌ରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ନ୍ୟାୟିକ ସଂସ୍ଥାଙ୍କ ସ୍ପଷ୍ଟ ରାୟ ଏବଂ ରାଜ୍ୟ ସରକାରଙ୍କ ନୀତିଗତ ନିଷ୍ପତ୍ତି ସତ୍ତ୍ୱେ ହଜାର ହଜାର ଶିକ୍ଷକ ବର୍ଦ୍ଧିତ ସଂଶୋଧିତ ଗ୍ରେଡ୍ ପେ ପାଇପାରୁ ନାହାନ୍ତି । ଏଥିଯୋଗୁଁ ମାମଲା ସଂଖ୍ୟା ମଧ୍ୟ ବଢୁଛି । ଇତି ମଧ୍ୟରେ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଚାକିରିରୁ ଅବସର ଗ୍ରହଣ କରିସାରିଥିଲେ ମଧ୍ୟ ସେମାନଙ୍କ ବେତନ ଓ ପେନ୍‌ସନ ସଂଶୋଧିତ ହେଉନଥିବା ଘେନି ଅଭିଯୋଗମାନ ଆସୁଛି ।

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ୨୦୧୩ ମସିହାରେ ଆରଏସିପି ଲାଗୁ କରିବାଲାଗି ସ୍ୱତନ୍ତ୍ର ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରିଥିଲେ । ତେବେ ଅର୍ଥ ବିଭାଗର ବିଜ୍ଞପ୍ତିକୁ କଦର୍ଥକରି ଅନେକ ବିଭାଗ ୧୦, ୨୦ ଓ ୩୦ ବର୍ଷ ଚାକିରି କରିଥିବା କର୍ମଚାରୀମାନଙ୍କୁ ସଂଶୋଧିତ ଆରଏସିପି ଅନୁଯାୟୀ ଗ୍ରେଡ୍ ପେ ପ୍ରଦାନ ନକରିବାରୁ ସେତେବେଳେ ହଜାର ହଜାର ସଂଖ୍ୟକ ମାମଲା ରୁଜୁ ହୋଇଥିଲା ।

କେତେକ ପ୍ରାଥମିକ ଶିକ୍ଷକଙ୍କ ପକ୍ଷରୁ ଆରଏସିପି ବ୍ୟବସ୍ଥା ଅନୁଯାୟୀ ସଂଶୋଧିତ ଗ୍ରେଡ୍ ପେ ଦେବାକୁ ଦାବି ହେଉଥିବାବେଳେ ଗ୍ରେଡ୍ ପେ ପରିମାଣ ବଢାଇବା ପରିବର୍ତ୍ତେ ସରକାର ଏହାକୁ ୪୨୦୦ ଟଙ୍କାରୁ ୨୮୦୦ ଟଙ୍କାକୁ ୨୦୧୬ ମସିହାରେ ହ୍ରାସ କରିଦେଇଥିଲେ । ଏହା ବିରୁଦ୍ଧରେ ସାଟ୍‌ରେ ରୁଜୁ ହୋଇଥିବା କେତେକ ମାମଲା ୨୦୧୭ ମସିହାରେ ଫଏସଲା ହୋଇଥିଲା ଏବଂ ତଦନୁଯାୟୀ ବଞ୍ଚିତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ବର୍ଦ୍ଧିତ ହାରରେ ଗ୍ରେଡ୍ ପେ ଦେବାପାଇଁ ନିର୍ଦ୍ଦେଶ ଦିଆଯିବା ସହ ୨୦୧୬ର ସରକାରୀ ଆଦେଶନାମାକୁ ସ୍ୟାଟ୍ ବାତିଲ କରିଦେଇଥିଲେ । ଏଭଳି ସ୍ଥିତିରେ ଗୋଟିଏ ପଟେ ରାଜ୍ୟ ସରକାର ସ୍ୟାଟ୍ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ଅନ୍ୟ ପଟେ ସ୍ୟାଟ୍‌ଙ୍କ ଆଦେଶ ବିରୁଦ୍ଧରେ ହାଇକୋର୍ଟରେ କେତେଗୁଡିଏ ମାମଲା ରୁଜୁ ହୋଇଥିଲା ।

୨୦୨୨ ଜୁନ୍ ୨୪ ତାରିଖରେ ଅନ୍ୟତମ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ୟାଟ୍‌ଙ୍କ ଆଦେଶରେ କୌଣସି ତ୍ରୁଟି ନାହିଁ ବୋଲି ଉଲ୍ଲେଖ କରିବା ସହିତ ସରକାରଙ୍କ ରିଟ୍ ଆବେଦନକୁ ଖାରଜ କରିଦେଇ ବଞ୍ଚିତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ବର୍ଦ୍ଧିତ ଗ୍ରେଡ୍ ପେ ଆରଏସିପି ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରିବାକୁ ବିସ୍ତୃତ ରାୟରେ ଉଲ୍ଲେଖ କରିଥିଲେ ।

ରାଜ୍ୟ ସରକାର ହାଇକୋର୍ଟ ଓ ସ୍ୟାଟ୍‌ଙ୍କ ରାୟ ପାଳନ ନକରି ତାହା ବିରୁଦ୍ଧରେ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିସନ ଦାଏର କରିଥିଲେ । ସୁପ୍ରିମକୋର୍ଟରେ କିନ୍ତୁ ବର୍ଦ୍ଧିତ ହାରରେ ଆରଏସିପି ଦେବାପାଇଁ ରାଜ୍ୟ ସରକାର ସ୍ୱୀକାର କରିବା ସହିତ ତିନିମାସ ମଧ୍ୟରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଏହି ସୁବିଧା ମିଳିବ ବୋଲି କହିବାପରେ ସୁପ୍ରିମକୋର୍ଟ ଗତ ସେପ୍ଟେମ୍ବର ୯ତାରିଖରେ ମାମଲାର ଫଏସଲା କରିଥିଲେ । ଏବେ ତିନିମାସ ସମୟ ଅତିକ୍ରମ କରିବାକୁ ଯାଉଥିବାବେଳେ ସରକାରଙ୍କ ପକ୍ଷରୁ ବଞ୍ଚିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ରାୟ ମୁତାବକ ଆରଏସିପି ବ୍ୟବସ୍ଥା ଅନୁଯାୟୀ ବର୍ଦ୍ଧିତ ଗ୍ରେଡ୍ ପେ ପିଛିଲା ତାରିଖରୁ ପ୍ରଦାନ କରାଯାଇନାହିଁ ।

ଇତି ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଜିଲ୍ଲା ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୭ ନଭେମ୍ବର ୨୦୨୫ । ସୋମବାର




## ଟାଇଗର ଏଷ୍ଟିମେସନ ପାଇଁ ପ୍ରସ୍ତୁତି



**ବାରିପଦା: ଏକ୍ସପ୍ରେସ ନ୍ୟୁଜ୍**

ଆସନ୍ତା ୨୦୨୬ ପାଇଁ ସମଗ୍ର ଦେଶରେ ଟାଇଗର ଏଷ୍ଟିମେସନ କାର୍ଯ୍ୟ ହେବାକୁ ଯାଉଛି । ଏଥିପାଇଁ ଆଜିଠାରୁ ଆରମ୍ଭ ହେଲାଣି ପ୍ରାକ୍ ପ୍ରସ୍ତୁତି । ଭାରତ ସରକାରଙ୍କ ଯୋଜନା ଅନୁସାରେ ଶିମିଳିପାଳ ଅଭୟାରଣ୍ୟରେ ମଧ ହେବ ଟାଇଗର ଏଷ୍ଟିମେସନ । ଏହି କାର୍ଯ୍ୟକ୍ରମରେ ବାଘ ସଂଖ୍ୟା ଆକଳନ କରାଯିବ । ଶିମିଳିପାଳର ପ୍ରତି ବିଟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି । ପ୍ରତିଥର ପରି ଏଥର ମଧ ତିନୋଟି ପର୍ଯ୍ୟାୟରେ ଏହି ବାଘ ଆକଳନ କାର୍ଯ୍ୟକ୍ରମ କରାଯିବ ।

ପ୍ରଥମ ପର୍ଯ୍ୟାୟରେ ସମସ୍ତ କର୍ମଚାରୀମାନଙ୍କୁ ଟ୍ରେନିଂ ଦିଆଯିବ । ଏହି ଟ୍ରେନିଂରେ ଆରସିସିଏଫଠୁ ଆରମ୍ଭ କରି ବିଟ୍ ହାଉସ୍‌ରେ କାମ କରୁଥିବା ତଳିଆ କର୍ମଚାରୀ ପର୍ଯ୍ୟନ୍ତ ଟ୍ରେନିଂ ନେବେ ଏବଂ କିଭଳି ସଠିକ ତଥ୍ୟ ଆକଳନ କରାଯାଇ ସ୍ୱତନ୍ତ୍ର ଆପସରେ ଅପଲୋଡ଼ କରିବେ । ଏହାପରେ ବନ୍ୟଜନ୍ତୁ ରହୁଥିବା ଅଞ୍ଚଳରେ ସେମାନଙ୍କ ଗତିବିଧିକୁ ଲକ୍ଷ କରାଯିବ । ତୃତୀୟ ପର୍ଯ୍ୟାୟରେ ଯେଉଁ ଅଞ୍ଚଳରେ ବନ୍ୟପ୍ରାଣୀ ରହୁଛନ୍ତି ସେ ସବୁ ଅଞ୍ଚଳରେ କ୍ୟାମେରା ଲଗାଯିବ । ଶିମିଳିପାଳ ଏବଂ ବାରିପଦା ରିଜୋନରେ କୁଲଡ଼ିହା, ହଦଗଡ଼, ସହ ଶିମିଳିପାଳ ଅଭୟାରଣ୍ୟ ସହ ବନଖଣ୍ଡରେ ପାଖାପାଖି ୧୫ ଶହ କ୍ୟାମେରା ଲଗାଯିବ । ଏହି କ୍ୟାମେରା ବିଭିନ୍ନ ପର୍ଯ୍ୟାୟରେ ଏହି ସବୁ ଜଙ୍ଗଲରେ ଲଗାଯାଇ ତାର ତଥ୍ୟ ଏନ୍‌ଟିସିଏକୁ ହସ୍ତାନ୍ତର କରାଯିବ ।

## ରୋଗୀ ଦେଖୁଥିବା ବେଳେ ଚାଲିଗଲା ଡାକ୍ତରଙ୍କ ଜୀବନ

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କ ସେବା କରୁଥିବା ବେଳେ ହୃଦଘାତରେ ଚାଲିଗଲା କାର୍ଯ୍ୟରତ ଡାକ୍ତର ଜୀବନ । 'ମୃତ୍ୟୁ ବି ଏମିତି ଆସେ' । ସୂଚନା ମୁତାବକ ସ୍ତ୍ରୀ ଓ ପ୍ରସୂତି ବିଭାଗ ତଥା ନୀଳଗିରି ବ୍ଲଡ ବ୍ୟାଙ୍କ ଦାୟିତ୍ୱରେ ଡାକ୍ତର ତ୍ରିନାଥ ପାଲ ଓପିଡିରେ ରୋଗୀ ଦେଖୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ନିକଟରେ ଥିବା ୱାସରୁମ ଭିତରକୁ ଯାଇଥିଲେ । ସେଠାରେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡ଼ାକ୍ତରଖାନା କର୍ମଚାରୀମାନେ ଡଃ ପାଲ ଏପରି ହେଉଥିବାର ଦେଖି ସେଠାରୁ ଆଣି ୧୦୮ ଆମ୍ବୁଲାନ୍ସ ଯୋଗେ ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିଲେ । ମାତ୍ର ଅଧାରାସ୍ତା ଅମ୍ବୁଡ଼ିହା ନିକଟରେ ହୃଦଘାତ ଯୋଗୁ ମୃତ୍ୟୁ ହୋଇଥିବାର ଜଣାପଡିଛି । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦାୟିତ୍ୱରେ ଡାକ୍ତର ଡ଼ଃ ପାଲଙ୍କୁ ପରୀକ୍ଷାନିରୀକ୍ଷା ପରେ ମୃତ୍ୟୁ ଘୋଷଣା କରିଥିଲେ । ଏ ଖବର ପ୍ରଚାରିତ ହେବା ପରେ ନୀଳଗିରି ଡ଼ାକ୍ତରଖାନା ସହିତ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି ।

## ଚୋରା ଚାଲାଣ ବେଳେ ୮ ମଇଁଷି ଉଦ୍ଧାର



**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଛତ୍ରପୁର ଜାତୀୟ ରାଜପଥ ଦେଇ ବେଧଡକ ଭାବେ ଚାଲାଣ ହେଉଛି ଗାଈ ମଇଁଷି । କୌଣସି ପ୍ରକାରେ ଛତ୍ରପୁରର ଗୋସେବକମାନେ ଖବର ପାଇଁ ଛତ୍ରପୁର ଉଜଳେଶ୍ୱରୀ ମନ୍ଦିର ଜାତୀୟ ରାଜପଥ ଦେଇ ଯାଉଥିବା ଏକ ଆନ୍ଧ୍ର ନମ୍ବର ପିକ ଅପ ଭ୍ୟାନକୁ ଅଟକାଇଥିଲେ । ସେହି ଗାଡିରେ ୮ଟି ମଇଁଷି ରହିଥିବା ଦେଖିବା ସହ ଛତ୍ରପୁର ପୋଲିସକୁ ଜିମା ଦେଇଥିଲେ । ଏପରିକି ୪ଟି ଗାଡିରେ ଚୋରା ଚାଲାଣ ହେଉଥିବା ବେଳେ ସେମାନେ କେବଳ ଗୋଟିଏ ଗାଡିକୁ ଅଟକାଇ ପାରିଥିଲେ ବୋଲି ଗୋସେବକ ମାନେ କହିଥିଲେ । ଏପରିକି କିଛି ଗାଡି ଅଟକାଇ ବାକୁ ଚେଷ୍ଟା କରିଥିଲେ ବି ସେମାନଙ୍କ ଉପରକୁ ଚାଲି ଆସିଥିବାରୁ ଭୟରେ ଦୂରେଇ ଯିବାରୁ ୩ଟି ଗାଡି ଫେରରା ହୋଇଯାଇଥିବା କହିଥିଲେ । ଫେରରା ତିନୋଟି ଗାଡିରେ ଗାଁ ମଧ ଯାଇଥିବା କହିଥିଲେ । ଏହି ମଇଁଷି ସବୁ ଗଞ୍ଜାମ ବ୍ଲକ ସିଦ୍ଧାର୍ଥ ନଗରରୁ ଆସୁଥିବା ଗାଡି ଚାଳକ ଜାଣକ ଗୋସେବକମାନଙ୍କୁ କହିଥିବା ବେଳେ ତାହା ବ୍ରହ୍ମପୁର ପରେ ଆନ୍ଧ୍ରପ୍ରଦେଶକୁ ଚାଲାଣ ହୋଇଥାନ୍ତା । ଏନେଇ ଛତ୍ରପୁର ଥାନାରେ ଗାଡିକୁ ଜବତ କରିବା ସହ ଚାରି ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ଉଦ୍ଧାର କରାଯାଇଥିବା ମଇଁଷି ଗୁଡିକୁ ଗୋଶାଳାରେ ଛଡା ଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି । ତେବେ କିଏ ଏବଂ କେଉଁଠିକୁ ଏହି ସବୁ ଗାଈ ଓ ମଇଁଷି ଚାଲାଣ କରୁଛି ତାହାର ମୁଖ୍ୟ ଆସାମୀକୁ ଧରିବା ପାଇଁ ଗୋସେବକ ପକ୍ଷରୁ ଦାବି ହୋଇଛି ।

## ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମୃତ



**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟରୁ ରାୟଗଡ଼ା ସଂଯୋଗ କରୁଥିବା ୩୨୬ ନମ୍ବର୍ ଜାତୀୟ ରାଜପଥର ପଞ୍ଚଡ଼ା ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ବୋଲେରୋ ଓ ପିକ୍‌ଅପ ଭ୍ୟାନ ମୁହାଁ ମୁହିଁ ଧକ୍କା ହେଇଥିଲା । ସୂଚନା ଅନୁସାରେ ଘଟଣାସ୍ଥଳରେ ବୋଲେରୋ ଡ୍ରାଇଭର ମୃତ ଓ ଦୁଇ ଗୁରୁତର । ମୃତ ବୋଲେରୋ ଡ୍ରାଇଭର ହେଲେ ପଞ୍ଚଡା ଗ୍ରାମର ଶିବାନନ୍ଦ ନାୟକ ବୋଲି ଜଣାପଡିଛି । ଶିବାନନ୍ଦ କାକିରିଗୁମ୍ମା ଯାଇ ଘରକୁ ଫେରୁଥିବା ସମୟରେ ସାମନା ପଟୁ ଆସୁଥିବା ଭ୍ୟାନ୍ ସହ ମୁହାଁମହି ଧକ୍କା ହୋଇଥିଲା । ଭ୍ୟାନ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହେଇଯାଇଥିଲା । ଉଭୟ ଗୁରୁତର ଦୁଇ ଜଣଙ୍କୁ କକିରିଗୁମ୍ମା ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ କାକିରିଗୁମା ପୋଲିସ ପହଞ୍ଚି ଦୁର୍ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ଚାରିଛକ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ




**ଚାରିଛକ: ଏକ୍ସପ୍ରେସ ନ୍ୟୁଜ୍**

ଚାରିଛକ ପ୍ରେସକ୍ଲବ ପକ୍ଷରୁ ସ୍ଥାନୀୟ ଏକାନ୍ତ ଆଶ୍ରମ ପରିସରରେ ଜାତୀୟ ପ୍ରେସ ଦିବସ-୨୦୨୫ ପାଳିତ ହୋଇଯାଇଛି । ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଜାତନ୍ତ୍ର ପଶ୍ଚିମବଙ୍ଗର ଅବସରପ୍ରାପ୍ତ ସହ-ସଂପାଦକ ନାରାୟଣ ବେହେରା, ମୁଖ୍ୟବକ୍ତାଭାବେ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ସମ୍ମାନୀତ ଅତିଥିଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର, ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳେଇ, ପ୍ରାକ୍ତନ ପ୍ରାଧ୍ୟାପକ ପଞ୍ଚାନନ ସାହୁ,ବରିଷ୍ଠ ନାଗରୀକ ମଞ୍ଚ ସଂପାଦକ କାହ୍ନୁ ଚରଣ ବେହେରା, ପୂର୍ବତନ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଚକ୍ରଧର ସା,ତୁଳସୀପୁର ଗ୍ରାମ୍ୟକମିଟି ସଭାପତି ବନବିହାରୀ ଦାଶ, ନିଗମାନନ୍ଦ ମହାବିଦ୍ୟାଳୟ ଚାରିଛକର ପୂର୍ବତନ ଗ୍ରନ୍ଥାଗାରିକ ପଣ୍ଡିତ ମୂରଲୀଧର ଭାରତୀ, କୃଷକନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ରବୀନ୍ଦ୍ର କୁମାର ସେନାପତି, ଅଧିନ ପାତ୍ର, ଗଙ୍ଗାଧର କର ପ୍ରମୁଖ ଯୋଗଦେଇ ଗଣମାଧମ ପ୍ରତିନିଧିମାନେ ହେଉଛନ୍ତି ଦେଶର ଚତୁର୍ଥସ୍ତମ୍ଭ, ଖବରଦାତାମାନେ ସର୍ବଦା ସତ୍ୟ, ନିରପେକ୍ଷ ଓ ନିର୍ଭୀକ ଖବର ପରିବେଷ କଲେ ଦେଶ ତଥା ରାଜ୍ୟ ପାଇଁ ଶୁଭଙ୍କର ବୋଲି ଆଜି ଜାତୀୟ ଜାତୀୟ ପ୍ରେସ ଦିବସ ଅବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବିଶେଷକରି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ସହିତ ଅନ୍ୟ ରାଜ୍ୟପରି ସାମ୍ବାଦିକମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ମୁଖ୍ୟ ଅତିଥି କହିଥିଲେ । ଏହି ଅବସରରେ ସ୍ତମ୍ଭକାର ସନ୍ତୋଷ ଦାଶଙ୍କ ସମେତ ୫ଜଣ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବସନ୍ତ ଦାସ,ପ୍ରତାପ କୁମାର ମଲ୍ଲିକ, ସୁକାନ୍ତ କର ଓ ରଂଜନ କୁମାର ଦାସଙ୍କୁ ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କ୍ଲବର କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ଉପ-ସଭାପତି ବସନ୍ତ କୁମାର ଦାସ, ଉପ-ସଭାପତି ସନ୍ତୋଷ ଦାଶ, ସଂଗଠନ ସଂପାଦକ ବିଜୟ ବେହେରା, ସହ-ସଂପାଦକ ସନ୍ତୋଷ ଦାସ, ମିଡିଆସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ, କାର୍ଯ୍ୟକାରୀ ସଦସ୍ୟ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ କୁମାର ସାହୁ, ବିନୋଦ ପ୍ରଧାନ, ପ୍ରଶାନ୍ତ ସାହୁ, ରଣଜିତ କାଣ୍ଡି, ପଂକଜ ସ୍ୱାଇଁ, ଉମାକାନ୍ତ ଭୋଇ ପ୍ରମୁଖ ଯୋଗଦେଇଥିଲେ । ପରିଶେଷରେ କ୍ଲବର ସଂପାଦକ ଡଃ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇବର ସଚେତନତା ଉପଲକ୍ଷେ ୱାକାଥନ




**ଜଗତସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ରବିବାର ପୂର୍ବାହ୍ନରେ ସାଇବର ସଚେତନତା ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଠାରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା । ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଆଜୀଙ୍କ୍ୟ ମାଣେ ପ୍ରମୁଖ ଉପସ୍ଥିତ ରହି ଏହି ୱାକାଥନର ଉଦଘାଟନ କରିଥିଲେ । ପଦଯାତ୍ରା କରି ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ସହ ସମସ୍ତେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ପହଞ୍ଚିଥିଲେ । ସେଠାରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଦ୍ୱାରା ସାଇବର ସଚେତନତା ଧର୍ମି ନୁକକଡ ନାଟକ ପ୍ରଦର୍ଶିତ ହୋଇଥିଲା । ସାଇବର ସଚେତନତା ମାସ୍କଟ ସାଇରା ସମସ୍ତଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ପଦଯାତ୍ରା ରେ କ୍ରୀଡା ଛାତ୍ରଛାତ୍ରୀ, ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ, ଜଗତିଂହପୁର ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଭାଗ ନେଇଥିଲେ ।

## ଏସ୍‌ୟୁଜେ ଦାନଗଦି ଶାଖାରେ ଜାତୀୟ ପ୍ରେସ ଦିବସ




**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେ ଓଡିଶାର ଯାଜପୁର ଜିଲ୍ଲାର ଦାନଗଦି ଶାଖା ତରଫରୁ ଦାନଗଦି ଭବନ ପରିସରରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି । ଜିଲ୍ଲା ସଭାପତି ସୁବାସ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ୧୦ଟି ଜିଲ୍ଲାରୁ ଆସିଥିବା ସାମ୍ବାଦିକମାନେ ଅଂଶଗ୍ରହଣ କରି ଆଞ୍ଚଳିକ ସମାବେଶର ରୂପ ଦେଇଥିଲେ । 'ପ୍ରଦୂଷଣ ପାଇଁ ଅକାଳରେ ଝଡିପଡୁଛି ଜୀବନ' ବିଷୟରେ ଆଲୋଚନା ଚକ୍ର କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ହୋଇଥିଲା । ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ମନ୍ତ୍ରୀ ଡ଼. ପ୍ରଦୀପ ବଳସାମନ୍ତ କହିଥିଲେ, 'ସାମ୍ବାଦିକତା ଏକ ପେଶା ନୁହେଁ, ଏହା ସମାଜ ପ୍ରତି ଜଣେ ଦାୟୀ ନାଗରିକଙ୍କ ଜୀବନବ୍ରତ' । ସେ ଔଦ୍ୟୋଗିକ ଅଞ୍ଚଳଗୁଡିକରେ ବଢୁଥିବା ପ୍ରଦୂଷଣ ଏବଂ ତାହାର ପ୍ରତିକୂଳ ପ୍ରଭାବ ଉପରେ ଗଭୀର ଚିନ୍ତା ବ୍ୟକ୍ତ କରି ସରକାରୀ-ବେସରକାରୀ ସଂସ୍ଥାମାନେ ଏହି ସମସ୍ୟାକୁ ଗମ୍ଭୀରତାର ସହିତ ନେବା ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ ନିଜ ବକ୍ତବ୍ୟରେ କହିଥିଲେ, 'ପ୍ରଦୂଷଣ ଆଜିର ତାରିଖରେ ନିରବ ହତ୍ୟାକାରୀ । ଧୀରେ ଧୀରେ ବ୍ୟକ୍ତି, ପରିବେଶ ଓ ପୃଥିବୀ ସମତୁଳନକୁ ନଷ୍ଟ କରୁଛି । ସାମ୍ବାଦିକମାନେ ଏହାକୁ ସଚେତନାର ଶକ୍ତିରେ ପରିଣତ କରିପାରନ୍ତି ।' ଅନ୍ୟତମ ଅତିଥି ଅବସରରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ ଔଦ୍ୟୋଗିକ ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରଶାସନର ଭୂମିକା ବ୍ୟାଖ୍ୟା କରିଥିଲେ । ସେହିପରି ଅତିରିକ୍ତ ଅଯୁକ୍ତ ଭୂଲେଖ ଓ ବନ୍ଦୋବସ୍ତ ଅକ୍ଷୟ କୁମାର ମଲିକ ପ୍ରଦୂଷଣରେ ପ୍ରଭାବିତ ଅଞ୍ଚଳର ଭୂମି ବ୍ୟବସ୍ଥା, ଜନସ୍ୱାସ୍ଥ୍ୟ ଓ ଦୀର୍ଘମେୟାଦୀ ପ୍ରତିକାର ଉପରେ ଆଲୋକପାତ କରିଥିଲେ । ଏସୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଓ ଏନୟୁଜେ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଡ଼. ଚିନ୍ତାମଣି ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥି ଏବଂ ଜିଲ୍ଲା ସମ୍ପାଦକ ଅକ୍ଷୟ କୁମାର ଧଳ ମଧ ବିଷୟଟିର ଗୁରୁତ୍ୱ ଉଲ୍ଲେଖ କରି ସାମ୍ବାଦିକମାନଙ୍କ ଏକତା ଓ ଦୃଢ଼ ସମ୍ପର୍କର ଆବଶ୍ୟକତା ଉପରେ ଜୋର ଦେଇଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଜିଲ୍ଲା, ଅନୁଜ କୁମାର ମଲ୍ଲିକ, ଅଭୟ ଲୋଚନ ନାୟକ, ମଳୟ କୁମାର ରାଉତ, ସେକ ଅବତାର ଅଲ୍ଲୀ, ନରୋତ୍ତମ ବେହେରା, କୈଳାଶ ପୃଷ୍ଟି, ବିପ୍ଳବ ବିଜୟ ପଣ୍ଡା, ନୀଳମାଧବ ନାୟକ, ମନୋଜ କୁମାର ଜେନା ସହ ବହୁ ସାମ୍ବାଦିକ ଦେଶିଆ ସୁଧାର, ପରିବେଶ ନୀତି ଓ ସଚେତନତା ବିଷୟରେ ସମସ୍ତେ ମତାମତ ରଖିଥିଲେ । ଶେଷରେ ବରିଷ୍ଠ ସଭ୍ୟ ଦିଲ୍ଲୀପ କୁମାର ପରିଡା ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ । ଆଜିର ଆୟୋଜନ ଦ୍ୱାରା ଜାତୀୟ ପ୍ରେସ ଦିବସର ଗୁରୁତ୍ୱ ଏବଂ ସାମ୍ବାଦିକମାନଙ୍କ ସମାଜିକ ଦାୟିତ୍ୱ ପୁନର୍ବାର ଆଲୋକିତ ହୋଇଲା ।

## ବାଣିଜ୍ୟ

## ଅକ୍ଟୋବରରେ ରତ୍ନ ଏବଂ ଅଳଙ୍କାର ରପ୍ତାନି ୩୧% ହ୍ରାସ



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତର ରତ୍ନ ଏବଂ ଅଳଙ୍କାର ରପ୍ତାନି ଅକ୍ଟୋବରରେ ୩୦.୫୭% ହ୍ରାସ ପାଇ ୨,୧୬୮.୦୫ ନିୟୁତ ଆମେରିକୀୟ ଡଲାର (୧୯,୧୭୨.୮୯୦ କୋଟି ଟଙ୍କା) ହୋଇଥିବା ଶିଳ୍ପ ସଂଗଠନ ରତ୍ନ ଓ ଅଳଙ୍କାର ପ୍ରୋତ୍ସାହନ ପରିଷଦ (ଜିଜେଇପିସି) କହିଛି ।

ରତ୍ନ ଏବଂ ଅଳଙ୍କାର ରପ୍ତାନି ପ୍ରୋତ୍ସାହନ ପରିଷଦ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୪ ଅକ୍ଟୋବରରେ ଏହି କ୍ଷେତ୍ରର ମୋଟ ରପ୍ତାନି ୩,୧୨୨.୫୨ ନିୟୁତ ଆମେରିକୀୟ ଡଲାର (୨୬,୨୩୭.୧ କୋଟି ଟଙ୍କା) ଥିଲା । ଆମେରିକା ଦ୍ୱାରା ଅତିରିକ୍ତ ଶୁଳ୍କ ଲାଗୁ ହେବା ପୂର୍ବରୁ ଚାହିଦା ବୃଦ୍ଧି ହେତୁ ଅକ୍ଟୋବରରେ ସାମଗ୍ରିକ ରପ୍ତାନିରେ ହ୍ରାସ ଘଟିଥିଲା । ପର୍ବପର୍ବାଣୀ ପାଇଁ ଅଧିକାଂଶ ଷ୍ଟକିଂ ଅଗଷ୍ଟ ୨୭ ପୂର୍ବରୁ ହୋଇଥିଲା, ତେଣୁ ଅକ୍ଟୋବରରେ ଚାହିଦା ହ୍ରାସ ପାଇଥିଲା । ମୂଲ୍ୟ ହ୍ରାସ ଅସ୍ଥିର ରହିବା ଫଳରେ ରପ୍ତାନି ହ୍ରାସ ଘଟିଥିବା ରତ୍ନ ଏବଂ ଅଳଙ୍କାର ରପ୍ତାନି ପ୍ରୋତ୍ସାହନ ପରିଷଦର ଅଧକ୍ଷ କିରିଟ ବଂଶାଲି କହିଛନ୍ତି ।

୨୦୨୫ ଏପ୍ରିଲ୍ ଏବଂ ଅକ୍ଟୋବର ମଧରେ, ଟଙ୍କା ମୂଲ୍ୟ ୩.୧୯% ବୃଦ୍ଧି ପାଇଥିଲେ ମଧ, ପଲିସ ହୋଇନଥିବା ହୀରା ଆମଦାନୀ ୦.୨୨% ହ୍ରାସ ପାଇ ୬,୪୫୧.୬୦ ନିୟୁତ ଆମେରିକୀୟ ଡଲାରରେ ପହଞ୍ଚିଛି । କିନ୍ତୁ, ଆମଦାନୀ ପରିମାଣରେ ୬.୫୭%ର ହ୍ରାସ ଦେଖାଯାଇଛି, ଯାହା ଗତ ବର୍ଷ ୫୯୪.୧୩ ଲକ୍ଷ କ୍ୟାରେଟରୁ ୫୫୫.୦୭ ଲକ୍ଷ କ୍ୟାରେଟକୁ ହ୍ରାସ ପାଇଛି । ଲାବରେ ଉତ୍ପାଦିତ ହୀରା ରପ୍ତାନି ଅକ୍ଟୋବରରେ ୩୪.୯୦% ହ୍ରାସ ପାଇ ୯୪.୩୭ ନିୟୁତ ଆମେରିକୀୟ ଡଲାର (୮୩୪.୪୫ କୋଟି ଟଙ୍କା) ହୋଇଛି ।

ଏପ୍ରିଲ୍-ଅକ୍ଟୋବର ଅବଧି ପାଇଁ, ଲାବ ଉତ୍ପାଦିତ ହୀରା ରପ୍ତାନି ୧୨.୯୫% ହ୍ରାସ ପାଇ ୬୮୧.୧୮ ନିୟୁତ ଆମେରିକୀୟ ଡଲାରରେ ପହଞ୍ଚିଛି । ଅକ୍ଟୋବର ମାସରେ ସୁନା ଅଳଙ୍କାରର ରପ୍ତାନି ଦ୍ରୁତ ହ୍ରାସ ପାଇଥିଲା । ଏହା ୨୪.୬୧% ହ୍ରାସ ପାଇ ୮୫୦.୧୫ ନିୟୁତ ଆମେରିକୀୟ ଡଲାରରେ ପହଞ୍ଚିଛି, କାରଣ ୫୦% ଆମେରିକୀୟ ଶୁଳ୍କ ଯୋଗୁ ଅନେକ ଅର୍ଡର ବାତିଲ ହୋଇଥିଲା ।

୨୦୨୫ ଏପ୍ରିଲ-ଅକ୍ଟୋବର ମଧରେ ରୂପା ଅଳଙ୍କାରର ମୋଟ ରପ୍ତାନି ୭୧୭.୬୮ ନିୟୁତ ଆମେରିକୀୟ ଡଲାର (୧୪.୩୬%) ପୂର୍ବ ବର୍ଷ ପାଇଁ ୬୫୨.୯୫ ନିୟୁତ ଆମେରିକୀୟ ଡଲାର (୫,୪୬୫.୧୬ କୋଟି ଟଙ୍କା) ତୁଳନାରେ ବୃଦ୍ଧି ପାଇଥିଲା । ଚଳିତ ବର୍ଷ ସୁନାର ଉଚ୍ଚ ମୂଲ୍ୟ ଯୋଗୁଁ ଚଳିତ ବର୍ଷ ଏପ୍ରିଲ-ଅକ୍ଟୋବର ମଧରେ ରୂପା ଅଳଙ୍କାର ରପ୍ତାନି ଆମେରିକୀୟ ଡଲାରରେ ୯.୯୩% ଏବଂ ଭାରତୀୟ ଟଙ୍କାରେ ୧୪.୩୬% ବୃଦ୍ଧି ପାଇଛି ।

## କିମ୍ସରେ 'କହୋଟେକ୍'ର ଦଶମ ସଂସ୍କରଣ ଉଦ୍‌ଯାପିତ




**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

କନ୍‌ସୋର୍ଟିୟମ୍ ଅଫ୍ ଆକ୍ରେଡିଟେଡ୍ ହେଲଥ୍‌କେୟାର ଅର୍ଗାନାଇଜେସନ୍‌ସ (କହୋ) ଦ୍ୱାରା ଆୟୋଜିତ ଭାରତର ପ୍ରିମିୟର ହେଲ୍‌ଥକେୟାର ଟେକ୍ନୋଲୋଜି ଇନୋଭେସନ୍ କନକ୍ଲେଭ୍- କାହୋଟେକ୍‌ର ଦଶମ ସଂସ୍କରଣ ରବିବାର କିମ୍‌ସରେ ଉଦଯାପିତ ହୋଇ ଯାଇଛି । କିମସ ଓ କାହୋ ମିଳିତ ଆନୁକୁଲ୍ୟରେ 'ଟେକ୍ନୋଲୋଜି ଆଣ୍ଡ ଇମ୍ପାକ୍ଟ: ସଲଭିଂ ଚ୍ୟାଲେଞ୍ଜେସ ଇନ ହେଲ୍‌ଥକେୟାର' ବିଷୟବସ୍ତୁ ଉପରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ଶିଳ୍ପ, ବୃତ୍ତିଗତ, ନବସର୍ଜନାକାରୀ, ଷ୍ଟାର୍ଟଅପ୍ ଓ ଛାତ୍ର ପ୍ରତିନିଧିମାନେ ଯୋଗ ଦେଇଥିଲେ । କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମ କ୍ରମେ ଓଡ଼ିଶାକୁ ପ୍ରଥମ ଥର ଲାଗି ଏହି କାର୍ଯ୍ୟକ୍ରମ କିମ୍‌ସ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, ବର୍ଷ ବର୍ଷ ଧରି କାହୋଟେକ୍, କାହୋର ସ୍ୱାସ୍ଥ୍ୟ ପ୍ରଯୁକ୍ତି ଫୋରମର ପ୍ରମୁଖ ପ୍ଲାଟଫର୍ମ ଭାବରେ ରହି ଆସିଛି । ଏହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ପ୍ରଯୁକ୍ତିବିଦ୍ୟା ଉଦ୍‌ଭାବକ, ନୀତି ନିର୍ଦ୍ଧାରକ, ଉଦ୍ୟୋଗୀ, ନିବେଶକ ଏବଂ ଶିକ୍ଷାବିତ୍ୟୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିଛି । ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ମଧ୍ୟରେ ଅଭିବୃଦ୍ଧି ଓ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଦିଗରେ ଏହା ସହଯୋଗ, ନବସର୍ଜନା ଓ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ପ୍ରୋତ୍ସାହିତ କରିଆସୁଛି । କାହୋଟେକ୍ ୨୦୨୫ ଦୂରଦୃଷ୍ଟିପୂର୍ଣ୍ଣ ଚିନ୍ତାଧାରାର ଆଦାନପ୍ରଦାନ, ସହଯୋଗୀ ସୁଯୋଗର ଆବିଷ୍କାର ଏବଂ ପ୍ରଭାବଶାଳୀ ନବସର୍ଜନା ପାଇଁ ଏକ ଆଦର୍ଶ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଥିଲେ ।

କାହୋର ଦଶମ ସଂସ୍କରଣ ବିଷୟରେ ସୂଚନା ଦେଇ ଏହାର ସଭାପତି ଡ ବିଜୟ ଅଗ୍ରୱାଲ କହିଲେ ସୁରକ୍ଷିତ, ସ୍ମାର୍ଟ ଓ ଅଧିକ ସମାନ ସ୍ୱାସ୍ଥ୍ୟସେବାର ନୂତନ ଦିଗ ଉପରେ ଚିନ୍ତା କରୁଥିବା ଏକ ପ୍ଲାଟଫର୍ମ ହେଉଛି କାହୋ । ଏହାର ଲକ୍ଷ୍ୟ ହେଉଛି ସ୍ୱୀକୃତ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ନିରନ୍ତର ଗୁଣାତ୍ମକ ଚିକିତ୍ସା ସେବାରେ ଉନ୍ନତି ଆଣିବା । ଏହା ସହ ଗୁଣାତ୍ମକ ମାନଦଣ୍ଡର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ବ୍ୟବଧାନକୁ ଦୂର କରିବା । ପ୍ରଥମ ଥର ପାଇଁ ଓଡ଼ିଶାରେ କାହୋ ଆରମ୍ଭ କରାଇଥିବାରୁ ସେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସମ୍ମାନୀୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା ସୁବ୍ରତ କୁମାର ଆଚାର୍ଯ୍ୟ ଶ୍ରୀ ସାମନ୍ତଙ୍କ ଦୃଷ୍ଟିକୋଣକୁ ଉଦ୍ଧୃତ କରି କହିଲେ, ଅଚ୍ୟୁତ ସାମନ୍ତ ବିଶ୍ୱାସ କରନ୍ତି, ଦାରିଦ୍ର୍ୟ ହେଉଛି ଦେଶର ବଡ଼ ସମସ୍ୟା ଏବଂ ଗୁଣାତ୍ମକ ଶିକ୍ଷା ହିଁ ଦାରିଦ୍ର୍ୟ ଦୂର କରିପାରିବ । ସେ ଦୃଷ୍ଟିରୁ କିଟ୍ ଓ କାହୋର ଦୃଷ୍ଟିକୋଣ ସମାନ ବୋଲି ସେ କହିଥିଲେ । ଚିକିତ୍ସିତ ହେଉଥିବା ଲୋକଙ୍କ ସୁରକ୍ଷା ହେଉଛି ଚିକିତ୍ସା ବିଜ୍ଞାନର ମୌଳିକ ଲକ୍ଷ୍ୟ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ପ୍ରଯୁକ୍ତିବିଦ୍ୟା ଉପରେ ଜ୍ଞାନ ରହିବା ଉଚିତ ବୋଲି ସେ କହିଥିଲେ ।

ଆଇଆଇଟି ନିର୍ଦ୍ଦେଶକ ଡ ସୁମନ ଚକ୍ରବର୍ତ୍ତୀ ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ କହିଲେ, ଚିକିତ୍ସା ପ୍ରଯୁକ୍ତିବିଦ୍ୟା କେବଳ ଆଜି ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ବିଶ୍ୱର ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାର ଏକମାତ୍ର ଉପାୟ ହେବା ଉଚିତ । ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପ୍ରଯୁକ୍ତିବିଦ୍ୟାରେ ଏଆଇର ଭୂମିକା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାର ବିଷୟ ବୋଲି ସେ କହିଥିଲେ । ଆଇଆଇଟି ଖଡ଼ଗପୁରର ଉଦାହରଣ ଦେଇ ସେ କହିଲେ, ଯେତେବେଳେ ଭାରତୀୟ ପ୍ରଯୁକ୍ତିବିଦ୍ୟା ଶିକ୍ଷା ବ୍ୟବସ୍ଥା ଭାରତୀୟ ଚିକିତ୍ସା ଶିକ୍ଷା ବ୍ୟବସ୍ଥାଠାରୁ ବହୁ ଦୂରରେ ଥିଲା, ସେତେବେଳେ ଆଇଆଇଟି ଖଡ଼ଗପୁର ୨୦୦୧ ମସିହାରେ ଚିକିତ୍ସା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସ୍କୁଲ ଆରମ୍ଭ କରି ଦୂରଦୃଷ୍ଟିପୂର୍ଣ୍ଣ କାର୍ଯ୍ୟ କରିଥିଲା ବୋଲି ସେ ସୂଚନା ଦେଇଥିଲେ ।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କାହୋ ସେକ୍ରେଟାରୀ ଜେନେରାଲ ଡ ଲାଲୁ ଯୋସେଫ; ଚାର୍ଣ୍ଣକ୍ ହସ୍ପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ଶର୍ମା, କାହୋ ଉପାଧ୍ୟକ୍ଷ ଡ ଶଙ୍କର ସେନଗୁପ୍ତା ଓ କିମ୍‌ସ ଅପରେସନ୍ସ ନିର୍ଦ୍ଦେଶକ ସୌମ୍ୟକାନ୍ତ ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଆସୁଛି 'ହୀରାମଣ୍ଡି-୨'

## ସିନେମାଫିନେମା ଟିଭିଫିବି



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ସଞ୍ଜୟ ଲୀଲା ବଂଶାଲୀଙ୍କ ହିଟ୍ ୱେବ୍ ସିରିଜ୍ 'ହୀରାମଣ୍ଡି' । ଏହାର ପ୍ରଥମ ସିଜିନ୍ ଗତ ବର୍ଷ ମେ' ମାସରେ ମୁକ୍ତିଲାଭ କରିଥିଲା । ବଡ଼ ପରଦାରେ ଡେବ୍ୟୁ ପରି ଏହା ମଧ ଓଟିଟି ପ୍ଲାଟଫର୍ମରେ ଖୁବ୍ ଧମାଲ କରିଥିଲା । ଅଦିତି ରାଓ ହାଇଦରୀ, ମନୀଷା କୋଇରାଲା, ରିଚ଼ା ଚଡ୍ଢା, ସୋନାକ୍ଷୀ ସିହ୍ନା, ଫରିଦା ଜଲାଲ୍ ଏବଂ ଶର୍ମିନ୍ ସେଗଲ୍ ଅଭିନୀତ ଏହି ସିରିଜର କାହାଣୀ ଦର୍ଶକଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଥିଲା । 'ହୀରାମଣ୍ଡି' 'ତୱାଇଫ୍'ଙ୍କ ଭାବପ୍ରବଣତା ଏବଂ ସେମାନଙ୍କ ଦୁନିଆର କଠୋର ବାସ୍ତବତାକୁ ଅନୁସନ୍ଧାନ କରେ । ନିର୍ମାତା ପୂର୍ବରୁ ପାର୍ଟ-୨ ଆଣିବାକୁ ଘୋଷଣା କରିଥିଲେ । ଏବେ, 'ହୀରାମଣ୍ଡି ୨'କୁ ନେଇ ବଡ ଅପଡେଟ୍ ସାମ୍ନାକୁ ଆସିଛି । ଯାହା ସିରିଜ୍ର କାହାଣୀ କିପରି ପ୍ରକାଶିତ ହେବ ତାହାର ଖୁଲାସା ହୋଇଛି ।

'ହୀରାମଣ୍ଡି ୨'କୁ ନେଇ ନିର୍ମାତା କାମ ଆରମ୍ଭ କରିଛନ୍ତି । ହୀରାମାଣ୍ଡିର ଜଣେ ଲେଖକ କହିଛନ୍ତି, 'ଆମେ ବର୍ତ୍ତମାନ ସିରିଜର ରାଇଟିଂ ଷ୍ଟେଜ୍‌ରେ ଅଛୁ । ଚରିତ୍ର ଏବଂ କାହାଣୀ ଉପରେ କାମ କରୁଛୁ । ଲୋକମାନେ ଆଜିର ପିଢ଼ି ଏହି ଧାରଣାକୁ ବୁଝିପାରିବେ କି ନାହିଁ ସେ ବିଷୟରେ ସନ୍ଦେହ କରୁଥିଲେ, କିନ୍ତୁ ସେମାନେ ହୀରାମଣ୍ଡିର ଦୁନିଆକୁ ଖୁବ୍ ପସନ୍ଦ କରିଛନ୍ତି । ପୂର୍ବରୁ, ସଂଜୟ ଲୀଲା ବଂଶାଲୀ ନିଜେ 'ହୀରାମଣ୍ଡି ୨'ର କାହାଣୀ ଉପରେ ଆଲୋଚନା କରିଥିଲେ । କହିଥିଲେ ଏହା ଏକ ବଡ ଦାୟିତ୍ୱ ଥିଲେ । ଏହିକୁ ତିଆରି କରିବାରେ ବହୁତ କିଛି କରିବାକୁ ପଡ଼ିଥାଏ, ଏବଂ ଏଥିରେ ପ୍ରକୃତରେ ବହୁତ ସମୟ ଲାଗିଥାଏ । ଗଙ୍ଗୁବାଇର ମୁକ୍ତି ପରେ, ମୁଁ ପ୍ରତିଦିନ ବିନା ବ୍ରେକ୍‌ରେ ଏହି ସିରିଜ୍ ପାଇଁ କାମ କରିଥିଲି ।'

ତେବେ ହୀରାମଣ୍ଡିର ପ୍ରଥମ ପାର୍ଟ ତୱାଇଫ୍‌ମାନେ ନବାବଙ୍କ ପାଇଁ ମୁଜରା ପ୍ରଦର୍ଶନ କରନ୍ତି । ହେଲେ ଦ୍ୱିତୀୟ ସିଜିନରେ, ହୀରାମଣ୍ଡିର ତୱାଇଫମାନେ ଆଉ ନବାବଙ୍କ ପାଇଁ ନାଚିବେ ନାହିଁ । ଭଂସାଲୀ ଏକ ସାକ୍ଷାତକାରରେ ଏହା ମଧ କହିଥିଲେ, 'ହୀରାମଣ୍ଡି ୨' ଲାହୋରରୁ ବାହାରି ମହିଳାମାନେ କିପରି ଚଳଚ୍ଚିତ୍ର ଶିଳ୍ପରେ ଏଣ୍ଟ୍ରି କରିଥିଲେ ତାହା ଦେଖାଯିବ । ବିଭାଜନ ପରେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଲାହୋର ଛାଡି ମୁମ୍ବାଇ ଏବଂ କୋଲକାତା ଚଳଚ୍ଚିତ୍ର ଶିଳ୍ପରେ ବସତି ସ୍ଥାପନ କରିଥିଲେ । ହେଲେ ହୀରାମଣ୍ଡି ବଜାରରେ ସେମାନଙ୍କର ଯାତ୍ରା ସମାନ କିନ୍ତୁ ଏଥର ସେମାନେ ନବାବଙ୍କ ପାଇଁ ନୁହେଁ, ବରଂ ପ୍ରଯୋଜକଙ୍କ ପାଇଁ ନାଚିବେ । ଆମେ ଦ୍ୱିତୀୟ ସିଜିନର ଯୋଜନା ସେହିପରି କରୁଛୁ ।

## ଆଜିର ରାଶିଫଳ

| ତାରିଖ | ସୋମବାର– ତ୍ରୟୋଦଶୀ |
|---|---|
| ୧୭.୧୧.୨୦୨୫ | ନକ୍ଷତ୍ର– ଚିତ୍ରା, କନ୍ୟାଚନ୍ଦ୍ର |

| | | |
|---|---|---|
| ମେଷ | : | ସୁସମ୍ବାଦପ୍ରାପ୍ତି ହେବ। |
| ବୃଷ | : | ଆର୍ଥିକ ଚିନ୍ତାରେ ରହିବେ। |
| ମିଥୁନ | : | ଅପମାନ ଯୋଗ ରହିଛି। |
| କର୍କଟ | : | ଦ୍ରବ୍ୟଲାଭ ହୋଇପାରେ। |
| ସିଂହ | : | ଆର୍ଥିକ ଅସୁବିଧାର ସମ୍ମୁଖିନ ହୋଇପାରେ। |
| କନ୍ୟା | : | ସଫଳତାର ସୁଯୋଗ ରହିଛି। |
| ତୁଳା | : | ବ୍ୟୟବୃଦ୍ଧି ହୋଇପାରେ। |
| ବିଛା | : | ଦୂରଯାତ୍ରା ଶୁଭ ରହିବ । |
| ଧନୁ | : | କର୍ମେ ଖୁସି ରହିବ । |
| ମକର | : | ଅଯଥା ବ୍ୟୟ ହେବ । |
| କୁମ୍ଭ | : | ଅପମାନ ଯୋଗ ରହିଛି। |
| ମୀନ | : | ନୂତନ କର୍ମ ନିଯୁକ୍ତି ରହିଛି। |

# ୧୦ଟା ପରିବର୍ତ୍ତେ ପ୍ରତିଦିନ ୧୧ଟାରେ ଆସୁଛନ୍ତି ବିପିଏମ୍

ଏଗାରଟା ପୂର୍ବରୁ ଆସୁନାହାନ୍ତି ଓଡ଼ାପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ବିପିଏମ। ଅଧାରୁ ଅଧିକ ଦିନ ଘରେ ରହି ଦରମା ନେଉଛନ୍ତି ଏହି କରିତକର୍ମା ବାହୁବଳୀ କର୍ମଚାରୀ। ପ୍ରତିବାଦ କଲେ ଦେଉଛନ୍ତି ଦରମା ବନ୍ଦ କରିବାର ଧମକ। ବ୍ୟବହାରରେ ଅତିଷ୍ଠ ହୋଇ ଚାକିରୀ ଛାଡ଼ିଲେଣି ଦୁଇ ଜଣ ବରିଷ୍ଠ ଡ଼ାକ୍ତର। ଦୁଇ ଦୁଇ ଥର ବଦଳି ଆଦେଶ ହୋଇଥିଲେ ମଧ୍ୟ କିଛି ସ୍ଥାନୀୟ ବାହୁବଳୀ ନେତାଙ୍କୁ ହାତ କରି ଚାକିରୀ ଆରମ୍ଭରୁ ମାଡି ବସିଛନ୍ତି ଗାଦି। ଟଙ୍କାର ମୋହ ଏମିତି ଲାଗିଛି ଯେ ଉପରିସ୍ଥ କର୍ମଚାରୀଙ୍କୁ ହାତକରି ୬ ବର୍ଷରୁ ଅଧିକ ଦିନ ମାଡ଼ି ବସିଛନ୍ତି ଗୋଟିଏ ଚୌକି। ସରକାରୀ ସମୟ ୧୦ଟା ଥିଲେ ମଧ୍ୟ ୧୧ଟା ପୂର୍ବରୁ କୌଣସି ଦିନ ଆସୁନଥିବାର ଅଭିଯୋଗ ହେଉଥିବା ଜଣାପଡ଼ିଛି। ବାବୁଙ୍କ ନାଁରେ ମାଳ ମାଳ ଅଭିଯୋଗ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ନୀରବ। ନିକଟ ଅତୀତରେ ମହିଳାମାନଙ୍କର ପରିବାର ନିୟୋଜନ ଅସ୍ତ୍ରପଚାର ପରେ ଜାଣି ଶୁଣି ବାହାର ବାରଣ୍ଡାରେ ଖରାରେ ଗଡ଼େଇ ଦେଇଥିବା ଅଭିଯୋଗରେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରା ଅଭିଯୁକ୍ତ ହୋଇ



ଆଜି ପର୍ଯ୍ୟନ୍ତ ନ୍ୟାୟାଳୟକୁ ଦୌଡୁଥିବା ଜଣାପଡିଛି। ମେଡିକାଲ୍‌କୁ ଆସିଥିବା ବତିସି ଟିଏସିରୁ ୨୬ଟି ଏସି ବିଭିନ୍ନ ବିଭାଗରେ ଲାଗିଥିବା ବେଳେ ଏହି ବାବୁ କୁଆଡେ ଚାରୋଟି ଏସି ନିଜ ଘରେ ଲଗାଯାଇଥିବା କଥା ଖୋଦ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ ନିଜ ନାଁକୁ ଗୋପନରଖି ଜଣାଇଛନ୍ତି। ମେଡିକାଲ ପରିସରରେ ସ୍ୱଚ୍ଛତା ଓ ଅନ୍ୟାନ୍ୟ ସଚେତନତା ନାଁରେ, ହଜାର ହଜାର ଟଙ୍କାର ବ୍ୟାନର ମରାଯାଇ, ମୋଟା ଅଙ୍କର କମିଶନ ବିପିଏମ ମହାଶୟଙ୍କ ପକେଟକୁ ଯାଉଥିବା ଜଣାପଡିଛି। ନଳକୂପ ଖନନରେ ମଧ୍ୟ ବ୍ୟାପକ ହେରାଫେରି କରାଯାଇ ପୁରୁଣା ନଳ କୂପ ଦେଖାଇ ମେସିନ ସହିତ ବିଲ୍ କରାଯାଇଥିବା ଜଣାପଡ଼ିଛି। ଅନ୍ତଃବିଭାଗ ରୋଗୀମାନଙ୍କୁ ଶୁଖିଲା ପାରୁଟି ଦେଇ ସବୁଦିନ ଇଟିଲି, ଉପମା, ଘୁଗୁନି ଓ କ୍ଷୀର ଦିଆଯାଉଛି ଦର୍ଶାଇ ବେଆଇନ ଭାବେ ମୋଟା ଅଙ୍କର ବିଲକରି ନିଜ ପକେଟକୁ ଯାଉଥିବା କଥା ରୋଗୀମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯନ୍ତ୍ରାଂଶ ଓ ଆସବା ପତ୍ର କିଣାରେ ମଧ୍ୟ ଆଗୁଆ କମିଶନ ମାଗୁଥିବା ଜଣାପଡ଼ିଛି। ଅଧାରୁ ଅଧିକ ଦିନ ଏହି ମୁଷ୍ଟିମେୟ ବାବୁ ଜଣଙ୍କ ପ୍ରାୟ ଦିନ ୧୧ଟା ପରେ ଅଫିସ୍ ଆସୁଥିବା ବେଳେ, ଧରା ପଡ଼ିଯିବା ଭୟରେ ସିସି ଟିଭିକୁ ମଧ୍ୟ ଅଚଳ କରାଯାଇଥିବା ପ୍ରମାଣ ସହିତ ଜଣାପଡିଛି। ଖବର ପ୍ରସାରଣ କଲେ ସାମ୍ବାଦିକମାନଙ୍କୁ ଧମକ ଦେବାକୁ ପଛାଉ ନାହାଁନ୍ତି ଏହି ସରକାରୀ ବାବୁ। ଦେଖିବାକୁ ବାକି ରହିଲା ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବେ ନା ଆଉ ୬ ବର୍ଷ ପର୍ଯ୍ୟନ୍ତ ଏହି ମହାଶୟଙ୍କୁ ଏଇଠି ଅବସ୍ଥାପିତ କରିବେ।

## ରଙ୍ଗିଲା ସାରଙ୍କ କଳା କାରନାମା: ନିଲମ୍ବିତ ପରେ ଖୋଲୁଛି ଗୁମର

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



ରଙ୍ଗିଲା ଅଧ୍ୟାପକଙ୍କ ନିଲମ୍ବିତ ପରେ ଖୋଲୁଛି ଗୁମର। ଅଧ୍ୟାପକ ଲକ୍ଷ୍ମୀଧର ସାହୁ ପୂର୍ବରୁ ଏଭଳି କାମ କରି ଟଙ୍କା ଦେଇ ଖସି ଯାଇଥିବା ଅଭିଯୋଗ ହେଉଛି। ଏବେ ଶ୍ରୀ ସାହୁଙ୍କର ସେଇ ପୁରୁଣା ରୋଗ ବାହାରିଛି। ଛାତ୍ରୀଙ୍କ ଘରେ ପହଞ୍ଚି ଭୁଲ ମାଗିବା ସହ ଟଙ୍କା ଯାଚୁଛନ୍ତି। ଏମିତିକି ଜଣେ ଛାତ୍ରଙ୍କୁ +୩ରେ ନାମ ଲେଖାଇଦେଇ ନାହାନ୍ତି ବୋଲି ସାଙ୍ଘାତିକ ଅଭିଯୋଗ ଆସିଛି ତାଙ୍କ ନାମରେ। ତାଙ୍କର କାର୍ଯ୍ୟକଳାପ ଛାତ୍ରୀଙ୍କ ପ୍ରତି ଅସଦାଚରଣ କରୁଥିଲେ ମଧ ସୁଧୁରୁ ନାହାନ୍ତି। ସୂଚନା ମୁତାବକ ନିଆଳି ଥାନା ଅଧିନସ୍ତ ଅଁଳ ପଞ୍ଚାୟତ ଗୋବିନ୍ଦଣା ପାଟଣାର ଜଣେ ଛାତ୍ରୀ ଓଲଟପୁର ଥାନା ଅଧିନସ୍ତ ଉଦୟନାଥ ସ୍ୱୟଂ ସହାୟକ ମହାବିଦ୍ୟାଳୟରେ +୨ରେ ବାଣିଜ୍ୟ ବିଭାଗରେ ଅଧୟନ କରନ୍ତି। ସେହି ବିଭାଗରେ ଅଧ୍ୟାପକ ଲକ୍ଷ୍ମୀଧର ସାହୁ ଗତ ଅକ୍ଟୋବର ୨୭ ତାରିଖ ଦିନ ଛାତ୍ରୀଙ୍କୁ ଫେଲ୍ କରିଦେବାକୁ କହି ଅସଦାଚରଣ କରିଥିଲେ। ଏହି ଘଟଣାକୁ ନେଇ ଛାତ୍ରୀ ଜଣକ କଲେଜ ଅଧକ୍ଷା ପ୍ରଫେସର ଲୁଲୁମିନା ଦାସ୍‌ଙ୍କୁ ଜଣାଇଥିଲେ। ଘଟଣାକୁ ଗୁରୁତର ନେଇ କଲେଜ ଅଧକ୍ଷା କଲେଜରେ ଥିବା କମିଟିରେ ଆଲୋଚନା କରି ଉପ ଜିଲ୍ଲାପାଳ ଓ ଶିକ୍ଷା ବିଭାଗକୁ ଜଣାଇଥିଲେ। ଶନିବାର ୧୧ ତାରିଖ ଦିନ ଉପ ଜିଲ୍ଲାପାଳ ଅଧ୍ୟାପକ ଲକ୍ଷ୍ମୀଧର ସାହୁଙ୍କୁ ନିଲମ୍ବିତ କରିଥିବା କଲେଜ ଅଧକ୍ଷା ପ୍ରଫେସର ଲୁଲୁମିନା ଦାସ୍ କହିଛନ୍ତି। ଏହି ଘଟଣାକୁ ନେଇ ଗୁରୁଙ୍କୁ କଳଙ୍କ ଲାଗିଲା ବୋଲି ଆଲୋଚନା ହେଉଛି।

# ସାଂସଦ ରୁଦ୍ର ପାଣିଙ୍କ ତାଳଚେର ଗସ୍ତ

**ତାଳଚେର: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପାଲଲହଡାରୁ ଫେରିବା ବାଟରେ ଶନିବାର ରାତ୍ରିରେ ତାଳଚେରରେ ପହଞ୍ଚି ଜନସାଧାରଣ, ବିଭିନ୍ନ ସଂଗଠନ ଓ କାର୍ଯ୍ୟକର୍ତ୍ତାଙ୍କୁ ଦେଉଳବେଡା ଠାରେ ଜୋନାଲ ମିଡ଼ିଆ ସେଲ ସଂଯୋଜକଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ତାଳଚେରର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ସାଂସଦଙ୍କୁ ଅବଗତ କରାଇବା ସହ ଦାବିପତ୍ର ପ୍ରଦାନ କରିଥିଲେ। ତାଳଚେର କଣିହାଁ ଠାରୁ ଗୋଡ଼ିବନ୍ଧ ଓ ବନରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ, ଖୁବଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ସାଂସଦଙ୍କୁ ଅନୁରୋଧ କରାଯାଇଥିଲା। ଚାଇଁପାଳ ଠାରୁ ସମଲ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ କେନାଲ ରାସ୍ତାର ଉର୍ଣ୍ଣତି ଓ ପ୍ରଶସ୍ତି କରଣ ଓ ସୁରକ୍ଷା ଦୃଷ୍ଟିରୁ ବାରକେଟ ସହ ଲାଇଟ



ଲଗାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ତାଳଚେର ଉପଖଣ୍ଡ ମେଡିକାଲରେ ମେଡ଼ିସିନ, ଶିଶୁ, ତଥା ସବୁ ବିଭାଗର ସ୍ପେସିଆଲିଷ୍ଟ ଡାକ୍ତର ନିଯୁକ୍ତି, ଡ଼ିଏମଏଫରେ ତାଳଚେରର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ, ବ୍ରାହ୍ମଣୀ ନଦୀ କଡ଼ରେ ତାଳଚେର ରିଙ୍ଗ ରୋଡ଼ ନିର୍ମାଣ, ପଶ୍ଚିମେଶ୍ୱର ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ଦେଇ ବିକାଶ କରିବା, ତାଳଚେର ଜଗନ୍ନାଥ ମନ୍ଦିରର ଉର୍ଣ୍ଣତି କରଣ, ବହୁ ପୁରାତନ ରାଣୀ ମନ୍ଦିରର ଉର୍ଣ୍ଣତି କରଣ, ତାଳଚେର ଠାରୁ ହିଙ୍ଗୁଳା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉର୍ଣ୍ଣତି କରଣ, ସମଗ୍ର ତାଳଚେରବାସୀଙ୍କ ପାଇଁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟ ଜଳପ୍ରକଳ୍ପ ନିର୍ମାଣ, ରାଣିପାର୍କକୁ ଦ୍ୱିତୀୟ ନନ୍ଦନକାନନ ଭଳି କରାଇବା, ତାଳଚେରରେ ଏୟାର ଷ୍ଟିପ ନିର୍ମାଣ କରିବା, ତାଳଚେରକୁ ମାଷ୍ଟର ପ୍ଲାନ ସିଟି କରି ସବୁ କ୍ଷେତ୍ରରେ ସୁବିଧା ଉପଲବ୍ଧ କରାଇବା, କ୍ଷତିଗ୍ରସ୍ତ ଓ ତାଳଚେରର ବେକାର ଯୁବକଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଆଦି ୧୧ ଦଫାର ଏକ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ର ପ୍ରଦାନ ବେଳେ ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ରେଳ ମଣ୍ଡଳ ପୂର୍ବତନ ସଭାପତି ବରୁଣ କୁମାର ସାହୁ, ମଣ୍ଡଳ ସଭାପତି ରାଜେଶ ଦଳେଇ, ଜଗଦୀଶ କୁମାର ସିଂହ, ଜଗଦୀଶ ମିଶ୍ର, ଅମିତ କୁମାର ବେହେରା, ଦିପେନ ସିଂହ, ଶମ୍ଭୁନାଥ ବେହେରା, ସୁନୀଲ ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତ ଦାବି ଗୁଡିକ ପ୍ରତି ଦୃଷ୍ଟି ଦିଆଯିବ କିଛି ଜିଲ୍ଲାସ୍ତରରେ, କିଛି ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯିବ। ଆଗାମୀ ଡିସେମ୍ବରରେ ଚାଲିବାକୁ ଥିବା ପାର୍ଲିଆମେଣ୍ଟ ଅଧିବେଶନରେ କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉଥାପନ କରାଯିବ ବୋଲି ସାଂସଦ ପ୍ରତିଶ୍ରୃତି ଦେଇଥିଲେ।

## ସୁଉଜ ସେତୁର ସଂଯୋଗିକରଣ ରାସ୍ତା ଉଦଘାଟିତ



**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ବ୍ଲକ ବିଳାଶୁଣୀ ପଞ୍ଚାୟତ କନ୍ଦଳ ନଦୀ ଉପରେ ଥିବା ସୁଉଜ ସେତୁର ଡାହାଣ ପାର୍ଶ୍ୱର ସଂଯୋଗିକରଣ ରାସ୍ତା ଓ କେନାଲ ବ୍ରିଜ ହୋଇଛି। ରବିବାର ଅପରାହ୍ନରେ ନିଆଳି ବିଧାୟକ ଛବି ମଲିକ ଏକ ଶୋଭାଯାତ୍ରାରେ ଆସି ଦୀର୍ଘଦିନ ହେବ ପୂର୍ବ ସରକାରରୁ ଅଧା ପନ୍ତରିଆ ହୋଇ ପଡ଼ିଥିବା ବହୁ ପ୍ରତିକ୍ଷୀତ କୁଣ୍ଡି ମୁହଁ ବ୍ରିଜର ସଂଯୋଗିକରଣ ରାସ୍ତାକୁ ବିଧାୟକ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଧାକର ନାୟକ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟୀ ପଲେଇ, ସହକାରୀ ଯନ୍ତ୍ରୀ ପ୍ରଣବ କିଶୋର ବିଶ୍ୱାଳ, ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଏହି ସଂଯୋଗିକରଣ ରାସ୍ତା ନିର୍ମାଣ ହେବା ଦ୍ୱାରା କଟକ ଜିଲ୍ଲା ନିଆଳିରୁ ଜଗତସିଂହପୁର ପାରାଦ୍ୱୀପକୁ ଖୁବ କମ ସମୟ ଲାଗିବ। ବିଧାୟକ ଶ୍ରୀ ମଲିକ ରାଣୀଓଳା ପଞ୍ଚାୟତ କୁଣ୍ଡିମୁହଁ ବ୍ରିଜ ଠାରୁ ସିଠାଳ ନଦୀ ସେତୁ ପର୍ଯ୍ୟନ୍ତ ସାମ୍ପ୍ରସାରଣ କରିବା ସହ ବସ ଚଳାଇବାକୁ ଅନୁମତି ଦେଇଛନ୍ତି। ପୂର୍ବ ସରକାର ସମୟରୁ ଆସିଥିବା ଟଙ୍କା କାମ ଆରମ୍ଭରୁ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଯାହାଫଳରେ ୧୪ ବର୍ଷ ବିତିଯାଇଥିଲା। ଏବେ ଗ୍ରାମବାସୀ ସହଯୋଗ କରିବାରୁ ଉକ୍ତ ସଂଯୋଗୀ କରଣ ରାସ୍ତା ନିର୍ମାଣ ହୋଇପାରିଲା ବୋଲି ବିଧାୟକ ଶ୍ରୀ ମଲିକ କହିଛନ୍ତି ଏବଂ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଉଦଘାଟନୀ ଉତ୍ସବରେ ସାଂସଦଙ୍କ ନିଆଳି ବ୍ଲକ ପ୍ରତିନିଧି ଜ୍ୟୋତି ରଂଜନ ମହାନ୍ତି, ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଶଶିକାନ୍ତ ଲେଙ୍କା, ନିଆଳି ବ୍ଲକ ଆତ୍ମା ଅଧକ୍ଷ ଗଣେଶ୍ୱର ମିଶ୍ର, କଣ୍ଟାପଡା ବ୍ଲକ ଆତ୍ମା ଅଧକ୍ଷ ପ୍ରଦୀପ ପାତ୍ର, ଉତ୍ତାରଣ ପଞ୍ଚାୟତ ବଂଶୀଧର ବେହେରା, ବ୍ରାହ୍ମଣ ସାଇଲୋ ସେବା ସମବାୟ ସମିତି ସୁରେନ୍ଦ୍ର ପାତ୍ର, ସୁଦର୍ଶନ ଜେନା, ଗୋବିନ୍ଦପୁର ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, ଆଡଶପୁର ପଞ୍ଚାୟତର ସୁରେଶ ମହାନ୍ତି, ବିଳାଶୁଣୀ ପଞ୍ଚାୟତରୁ ପ୍ରଭାତ କୁମାର ଜେନା, ବିଷ୍ଣୁ ଚରଣ ଡ଼ାଲୁଆ ଅନ୍ତର୍ଯ୍ୟାମୀ ମହାନ୍ତି, ନିଆଳି ପଞ୍ଚାୟତରୁ ପ୍ରଶାନ୍ତ ସିଂ, କସର୍ଦା ପଞ୍ଚାୟତରୁ ଗଗନ ସାହୁ, ପହଙ୍ଗା ପଞ୍ଚାୟତରୁ କିଶୋର ଖୁଣ୍ଟିଆ, ବିଭୁତି ଭୂଷଣ ରାଉତ, ରାଣୀଓଳା ପଞ୍ଚାୟତରୁ ସରୋଜ ସ୍ୱାଇଁ, ମାଧବ ପଞ୍ଚାୟତରୁ ବାବୁରାମ ମଲିକ, ରତନପୁର ପଞ୍ଚାୟତରୁ ଅମେୟ ସାହୁଙ୍କ ସମେତ ନିଆଳି ପଞ୍ଚାୟତରୁ ଆଠରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଯୋଗ ଦେଇଥିଲେ।

# 'ନାଗାବଳୀ'କୁ ଅବହେଳା: ଆନ୍ଧ୍ର ନେଉଛି ଫାଇଦା

**ରାୟଗଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡ଼ା ଜିଲାର ଜୀବନ ରେଖା ନାଗାବଳୀ ନଦୀ ଅବହେଳାର ଶିକାର ହୋଇଛି। ଆନ୍ତଃରାଜ୍ୟ ଜଳ ନୀତି ଯୋଗୁଁ ଏହି ନଦୀ ବାରମ୍ବାର ଅବହେଳାର ଶିକାର ହୋଇ ଆସୁଛି। ବଂଶଧାରା ନଦୀରେ ଆନ୍ଧ୍ରର ନେରେଡି ନଦୀବନ୍ଧ ଯୋଜନା, ଝଞ୍ଜାବତୀ ନଦୀରେ ରବର ଡ୍ୟାମ ଓ ପୋଲାଭରମ ପ୍ରକଳ୍ପକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ରାୟଗଡା ଜିଲ୍ଲାର ସୀମାନ୍ତ ଦେଇ ପ୍ରବାହିତ ନାଗାବଳୀ ନଦୀ ମଧ ସମ ବିବାଦରେ ରହିଛି। ୧୯୫୬ ମସିହାରେ ନଦୀଜଳ ବଣ୍ଟନ ନେଇ ଓଡିଶା ସରକାର କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଆନ୍ଧ୍ର ସରକାର ଆନ୍ତଃରାଜ୍ୟ ଜଳ ଚୁକ୍ତିର ଅବମାନ କରି ଚାଲିଛି। ଆନ୍ଧ୍ର ସରକାର ନାଗାବଳୀ ନଦୀର ଭରପୁର ସଦୁପଯୋଗ କରୁଥିବା ବେଳେ ନଦୀର ସିଂହଭାଗ ଓଡ଼ିଶାରେ ରହିଥିଲେ ହେଁ ରାଜ୍ୟ ସରକାର ଏହାର ସଦୁପଯୋଗ ପ୍ରତି ଧ୍ୟାନ ଦେଉ ନାହାଁନ୍ତି।

୨୧୭ କିଲୋମିଟର ଦୂର ପର୍ଯ୍ୟନ୍ତ ପ୍ରବାହିତ ନାଗାବଳୀ ନଦୀ ଓଡିଶାରେ ୧୨୫ କିଲୋମିଟର ଅତିକ୍ରମ କରିଛି। ଆନ୍ଧ୍ରର ମାନ୍ୟମ୍ ଏବଂ ଶ୍ରୀକାକୁଲମ ଜିଲ୍ଲାରେ ୯୨ କିଲୋମିଟର ପର୍ଯ୍ୟନ୍ତ ଏହି ନଦୀ ପ୍ରବାହିତ ହେଉଛି। ଆଉ ଏହି ୯୨ କିଲୋମିଟର ପରିଧି ମଧରେ ଆନ୍ଧ୍ର ଜଳସମ୍ପଦ ବିଭାଗ ଶହଶହ କ୍ଷୁଦ୍ର ଜଳ ପ୍ରକଳ୍ପ ନିର୍ମାଣ କରି ଏକର ଏକର ଜମିକୁ ଜଳସେଚିତ କରୁଛି। ରାୟଗଡା ଜିଲ୍ଲାର ଜୀବନ ରେଖା କୁହା ଯାଉଥିଲେ ମଧ ନାଗାବଳୀ ନଦୀ ସରକାରଙ୍କ ଘୋର ଅବହେଳା ଶିକାର ହୋଇଛି। ଏହାର ଫାଇଦା ନେଉଛି ଆନ୍ଧ୍ର । ନାଗାବଳୀ-ବଂଶଧାରା ନଦୀ ସଂଯୋଗୀକରଣ, ତୋଟାପଲି, ଝଞ୍ଜାବତୀ ଏବଂ ମୁଦ୍ଦୁଭଲସା ନଦୀ ସଂଯୋଗୀକରଣ କରି ପ୍ରାୟ ୩ଲକ୍ଷ ୫୦ହଜାର ଏକର ଜମିକୁ ଜଳସେଚନ ଲକ୍ଷ୍ୟ ରଖିଛି ବୋଲି ଆନ୍ଧ୍ର ବିଭାଗୀୟ ଅଧିକାରୀ ଭାସ୍କର ରାଓ କହିଛନ୍ତି।

ଏପଟେ ରାୟଗଡ଼ା ଜିଲ୍ଲାରେ କେବଳ ଖରିଫ ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ଜଳସେଚନ ଅଭାବରୁ ଏକର ଏକର ଜମି ପଡିଆ ପଡୁଛି। ସୂଚନାଯୋଗ୍ୟ ଯେ, ନାଗାବଳୀ, ବଂଶଧାରା ଓ ଝଞ୍ଜାବତୀ ନଦୀ ସଂଯୋଗ ପାଇଁ ବିସ୍ତୀର୍ଣ୍ଣ ଭିତ୍ତିଭୂମି ଥିଲେ ମଧ ଏହି ନଦୀଗୁଡ଼ିକରେ କୌଣସି ପ୍ରକଳ୍ପ ଅଗ୍ରଗତି ହୋଇ ପାରି ନାହିଁ। ରାୟଗଡ଼ା ଜିଲ୍ଲାର ଭେଜା, ଶିରିକଣା, ଚିନ୍ତାଲିଗୁଡ଼ା ଡ୍ୟାମ, ସିଙ୍ଗାରୀ, କୁମାର ସାହି, କଟିପଡ଼ା, ଭୂଷଣ ଝୋଲା, କରନିପଡ଼ା ଓ ସମୁଝା ଡ୍ୟାମର ଶାଖା ନଦୀଗୁଡ଼ିକ ପ୍ରଧାନମନ୍ତ୍ରୀ ସିଚାଇ ଯୋଜନାରେ ସାମିଲ ହୋଇଥିଲେ ମଧ ବିଭାଗୀୟ ଇଛାଶକ୍ତି ଅଭାବରୁ ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ।

ରାଜ୍ୟରେ ଅନେକ ନଦୀକୁ ଦୀର୍ଘକାଳୀନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ ନାଗାବଳୀ ନଦୀ ସେଥିରୁ ବାଦ୍ ପଡିଛି। ଜଳ ସଂରକ୍ଷଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଆନ୍ଧ୍ରପ୍ରଦେଶ ଏହାର ଭରପୁର ସୁଯୋଗ ନେଉଛି। ନଦୀ ପରିଚାଳନା କ୍ଷେତ୍ରରେ ଅପାରଗତା କାରଣରୁ ପାନୀୟ ଜଳ ସଂକଟ ସହ ଜଳସେଚନ ସମସ୍ୟା ଆଗକୁ ଗୁରୁତ୍ୱର ରୂପ ଧାରଣ କରିବାର ଆଶଙ୍କା ପ୍ରକାଶ ପାଇଛି। ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂପୁର ବ୍ଲକର ଭେଜାଠାରେ ନାଗାବଳୀ ନଦୀରେ ପ୍ରକଳ୍ପ ନିର୍ମାଣ ନେଇ ପ୍ରସ୍ତାବ ଆଗତ କରାଯାଇଛି ବୋଲି ନଦୀ ଡିଭିଜନର ସହକାରୀ ଯନ୍ତ୍ରୀ କ୍ଷତିସୂତା ନାୟକ କହିଛନ୍ତି।

## ଶିଶୁ ମହୋତ୍ସବ ସୁରଭିରେ ଉଲ୍ଲେଖନୀୟ ସଫଳତା



**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ରେ ମାଲକାନଗିରି ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲାରୁ ଉଚ୍ଚ ମାଧ୍ୟମିକ ବର୍ଗ ଚିତ୍ରାଙ୍କନରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଣ୍ଡୁରୀ ଗୁଡାର ଛାତ୍ରୀ ଲିସ୍ମିତା ଦଳପତି ପ୍ରଥମ ସ୍ଥାନ, ଆଦର୍ଶ ଜାତିସଂଘରେ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ବାଲିମେଳା ନବମ ଶ୍ରେଣୀ ଛାତ୍ର ସୌରଭଜିତ ପ୍ରଧାନ ପ୍ରଥମ ସ୍ଥାନ ଏବଂ ଉଚ୍ଚ ମାଧ୍ୟମିକ ବର୍ଗ ପ୍ରବନ୍ଧ ଲିଖନରେ ଉନିକ୍ରିଷ୍ଟ ନେଲୁରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ପୋଷଣ ଚିତ୍ରକଳା ବରିଷ୍ଠ ବିଭାଗରେ ଆଦର୍ଶ ବିଦ୍ୟାଳୟ ଗୁଣ୍ଡୁରୀଗୁଡା ଛାତ୍ର ସିଦ୍ଧିକାନ୍ତ ପଲାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ଆହିଲରାଜ ବେନ୍ୟା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବିଭାଗ ଦିବ୍ୟାଙ୍ଗ ଚିତ୍ରାଙ୍କନ ବର୍ଗରେ କୁମାରପୁଟ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ମଲ୍ଲିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ମାଲକାନଗିରି ଜିଲ୍ଲାର ସାଂସ୍କୃତିକ ଦଳର ପ୍ରଦର୍ଶନ ଉଚ୍ଚକୋଟିର ରହିଥିବାବେଳେ ଜିଲ୍ଲା ସ୍ୱତନ୍ତ୍ର ଜୁରୀ ପୁରସ୍କାର ବର୍ଗରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ସଫଳତାରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ସମଗ୍ରଶିକ୍ଷା ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗୀରଥି ବେହେରା ରାଜ୍ୟସ୍ତରରେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖ ଯୋଗ୍ୟ ଜିଲ୍ଲାରୁ ବିଭିନ୍ନ ବିଭାଗରୁ ଅଠାବନ ଜଣିଆ ଛାତ୍ରଛାତ୍ରୀ ଦଳ ଏହି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରିଥିଲେ। ଯାହାକି ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଫଳତା ନିମନ୍ତେ ସମଗ୍ରଶିକ୍ଷା ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଲିକ ଓ ପରାମର୍ଶ ଦାତା ସୀତାରାମ ଗୌଡ଼ଙ୍କ ସହଯୋଗରେ ୧୬ ଜଣ ସହଯୋଗୀ ଶିକ୍ଷକ ଅଂଶଗ୍ରହଣ କରି ଥିବାବେଳେ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେନାପତି ଏବଂ ଦେବରାଜ ସେଠୀ ନେତୃତ୍ୱ ନେଇଥିଲେ। ଜିଲ୍ଲା ଶିକ୍ଷା ବିଭାଗରେ ଏହି ରାଜ୍ୟସ୍ତରୀୟ ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି।

## 'ସାମାଜିକ ଗଣମାଧ୍ୟମର ନକରାତ୍ମକ ପ୍ରଭାବ ସମାଜକୁ ପ୍ରଭାବିତ କରୁଛି'

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ସାଂପ୍ରତିକ ସମୟରେ ସମାଜରେ ସାମାଜିକ ଗଣମାଧ୍ୟମର ପ୍ରଭାବ ତୀବ୍ର ଭାବେ ପ୍ରତିଫଳିତ ହେଉଥିବା ବେଳେ ଏହାର ସକାରାତ୍ମକ ପ୍ରଭାବ ସମାଜ ଉପରେ ଯେତିକି ପଡୁଛି ତା'ଠୁ ଅଧିକ ନକାରାତ୍ମକ ବଳିପଡୁଛି। ଶିଶୁଙ୍କଠାରୁ ଯୁବପୀଢ଼ିମାନେ ଏହାଦ୍ୱାରା ଅଧିକ ସଂକ୍ରମିତ ବୋଲି ସୋର ପ୍ରେସ କ୍ଲବ ଆନୁକୂଲ୍ୟରେ ଜାତୀୟ ଦିବସ ଓ ଯୋଗଦେଇଥିବା ଅତିଥିମାନେ ବକ୍ତବ୍ୟରେ କହିଥିଲେ। ସୋର ସଂସ୍କୃତି ଭବନଠାରେ ସଭାପତି ଚନ୍ଦ୍ରମୋହନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାୟକ ମାଧବ ଧଡ଼ା ଯୋଗଦେଇ କହିଲେ ଯେ ଗଣତନ୍ତ୍ରର ସୁରକ୍ଷା କବଚ ଗଣମାଧ୍ୟମ କୌଣସି ପ୍ରଲେଶଭନରେ ପ୍ରଲ୍ଲୋଭିତ ନ ହେଲେ ସମାଜ ସୁରକ୍ଷିତ ହୋଇ ରହିବ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସଂପାଦକ ତଥା କଂଗ୍ରେସ ଜିଲା ସଭାପତି ସତ୍ୟଶିବ ଦାସ ଯୋଗଦେଇ କହିଲେ ଯେ ସାମାଜିକ ଗଣମାଧରେ ଫେକ୍ ନ୍ୟୁଜ୍ ପ୍ରଭାବିତ କରୁଥିବା ବେଳେ ସାଧାରଣ ପାଠକ ଏବେ ବି ମୁଦ୍ରିତ ଗଣମାଧମ ଉପରେ ବିଶ୍ୱାସ ରଖିଛି। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଓ ପ୍ରକାଶକ କାଳିପଦ ପଣ୍ଡା ଯୋଗଦେଇ ସାଂପ୍ରତିକ ସାମାଜିକ ଗଣମାଧମ ନିଷ୍ଠାର ଅଭାବରେ ବିଶ୍ୱାସନୀୟତା ହାରଇ ବସୁଛି। ସମ୍ମାନିତ ଅତିଥି ପୌରପରିଷଦ ଭାରପ୍ରାପ୍ତ ଅଧକ୍ଷା ସସ୍ମିତା ଦାସ ଏବଂ ପଞ୍ଚାୟତ ସମିତି ଅଧକ୍ଷା ଅନସୂୟା ମଲ୍ଲିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ଗୌରୀଶଙ୍କର ଘଡ଼ାଇ ମଞ୍ଚ ଆହ୍ୱାନ କରିଥିବା ବେଳେ ସମ୍ପାଦକ ପ୍ରଭାକର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସଭାରେ ପ୍ରେସ କ୍ଲବର ବାର୍ଷିକ ମୁଖପତ୍ର 'ନିର୍ଭୀକ' ଲୋକାର୍ପଣ ହୋଇଥିଲା। ସୋରର ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଲୋଚନ ଦ୍ୱିବେଦୀ, ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଚଳଚ୍ଚିତ୍ର ତାରକା ଦୀପାନ୍ୱିତ ଦାଶ ମହାପାତ୍ର, ସୁନାମଧନ୍ୟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରାଜେନ୍ଦ୍ର କୁମାର ସେନାପତି, ପରିବେଶବିତ ରମେଶ ଚନ୍ଦ୍ର ଲେଙ୍କା, ବର୍ଷିୟାନ ସାମ୍ବାଦିକ ନନ୍ଦକିଶୋର ସାହୁ, ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଶିଶିର ଦାସ ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଭୟ ପତ୍ରୀ ବେଦପାଠ ସହ ସମ୍ବର୍ଦ୍ଧନା ପାଠ କରିଥିଲେ। ଉପସଭାପତି ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଷଙ୍ଗ ପଞ୍ଚାୟତସ୍ଥିତ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଷଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସଞ୍ଜୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଏବିଇଓ ସୋମନାଥ ରାମ, ସମ୍ମାନିତ ଅତିଥିଭାବେ ରାଧାଶ୍ୟାମ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପିତବାସ ବେହେରା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ସ୍ୱାଇଁ ପ୍ରମୁଖ ଯୋଗଦେଇ ସମସ୍ତ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ସେମାନଙ୍କ ଦୀର୍ଘ ନିରାମୟ ଜୀବନ ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି



ଅବସରରେ ଅତିଥିମାନେ ବିଦାୟୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ଜେନା, କୈଳାସ ଚନ୍ଦ୍ର ଦାସ ଓ ଶିକ୍ଷକ ନରୋତମ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ହାଟପଡା ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରଥ ନାଥ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କମାଓଜା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନାଦି ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସିଆରସିସି ନିହାର ରଞ୍ଜନ ସାମଲ, ଜୟଦେବ ସାହୁ, ମନୋଜ କୁମାର ବଳ, ସୁଶାନ୍ତ କୁମାର ନାୟକ, ଶଙ୍କର୍ଷଣ ଦେହୁରୀ, ମନୋଜ କୁମାର ନାୟକ, ନିରୁପମା ମଲିକ, ବଳରାମ ପ୍ରଧାନ, ସୁପ୍ରଭା ରାଉତ, ଆଲୁମିନା କମିଟି ସଭାପତି ରାଜକିଶୋର ଜେନାଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପିଙ୍ଗୁଆ ଲାଉଲଇ ରାସ୍ତା ମରଣଯନ୍ତା

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଗ ଅନ୍ତର୍ଗତ ଗଁଦିଆ ବ୍ଲକ ଅଧିନସ୍ଥ ପିଙ୍ଗୁଆଲାଉଲଇ ରାସ୍ତା ଦିନକୁ ଦିନ ମରଣଯନ୍ତା ପାଲଟିଛି। ପିଙ୍ଗୁଆ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ତଥା ଶିକ୍ଷାକ୍ଷେତ୍ର ହୋଇଥିବା ସହ ଲାଉଲଇ ସଂଯୋଗୀକରଣ ରାସ୍ତାରେ ପ୍ରତିଦିନ ଯାଜପୁର କଟକ ଓ ଢେଙ୍କାନାଳକୁ ଯୋଗାଯୋଗ ପାଇଁ ସହଜ ହୋଇଥିବାରୁ ଏହି ରାସ୍ତାଟି ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। କେଉଁଠି ପିଚୁ ଉଠିଯାଇଛିତ କେଉଁଠି ବଡ ବଡ ଖାଲଖମା ପୁଣି କେଉଁଠି ପୁଳାପୁଳା ଗୋଡ଼ି ପଥର ହୁସିଆର ହୋଇ ଗାଡି ନଚଳାଇଲେ ଜୀବନ ପ୍ରତି ବିପଦ। ଏହିଭଳି ରାସ୍ତାରେ ଜୀବନ ବିକଳରେ ଚାଲିଛି ନିତିଦିନିଆ ସଂସାର। ଗ୍ରାମ୍ୟ ନିର୍ମାଣ ବିଭାଗ ମୁଖ୍ୟ ଢେଙ୍କାନାଳ ତଥା ଜିଲ୍ଲାପାଳ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାପାଇଁ ସାଧାରଣରେ ଦାବି କରାଯାଉଅଛି।

# ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ବାଜପୁରା ପଞ୍ଚାୟତସ୍ଥ ଇଛାପୁର ମିନି ପୋଲ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ବାରମ୍ବାର ଦାବି କରିଥିଲେ ମଧ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ଜଳସଂପଦ ବିଭାଗ ପକ୍ଷରୁ ଏହି ମିନି ପୋଲଟି ନିର୍ମାଣ କରାଯାଇଥିଲା । ଏବେ ଏହି ପୋଲରୁ ୧୨ ଫୁଟ ଲମ୍ବ ୮ ଫୁଟ ଓସାରର କଂକ୍ରିଟ ଖସି ଯାଇଛି । ଯାହା ଫଳରେ ଏହି ପୋଲଟି ଯାତାୟତ ଅନୁପଯୁକ୍ତ ହେବା ସହ ବିପଦଶଙ୍କୁଳ ଅବସ୍ଥାରେ ରହିଅଛି। ଏହି ପୋଲଟି ଜୟପୁର ବଡଚଣାର



ମୁଖ୍ୟରାସ୍ତାକୁ ସଂଯୋଗ କରୁଛି । ଏହି ପୋଲ ଉପରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ନିର୍ଭର କରିଥାନ୍ତି। ଏହି ପୋଲ ଦେଇ କୁନିକୁନି ପିଲାଙ୍କ ଠାରୁ ଆରମ୍ଭ କରି ଜନସାଧାରଣମାନେ ସ୍କୁଲ, କଲେଜ, ବ୍ଲକ, ତହସିଲ, ମେଡିକାଲ, ଥାନା, ଡାକଘର, କଟକ ଓ ଯାଜପୁର ଜିଲ୍ଲାକୁ ଯାତାୟତ କରିଥାନ୍ତି। ସେହିପରି ଏହି ଗ୍ରାମର ଚାଷୀଭାଇମାନେ ଅପର ପାର୍ଶ୍ୱକୁ ଚାଷ କରିବା ପାଇଁ ଯାତାୟାତ କରିଥାନ୍ତି । ପୋଲଟି ବିପଦଶଙ୍କୁଳ ଅବସ୍ଥାରେ ଥିବାରୁ କୌଣସି ଅଘଟଣ ଘଟିଲେ ଏହି ଗ୍ରାମକୁ ଜରୁରୀକାଳୀନ ସେବା ପାଇଁ ନିଆଁଲିଭା ଗାଡି କିମ୍ବା ଆମ୍ବୁଲାନ୍ସ ଯାଇପାରିବ ନାହିଁ। ସ୍ଥାନୀୟ ଗ୍ରାମବାସୀ ଯାତାୟାତ ସମୟରେ କୋଉ ମୁହୂର୍ତ୍ତରେ ଏହି ପୋଲଟି ଭାଙ୍ଗିଯାଇ କୌଣସି ଅଘଟଣା ଘଟିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଏହି ପୋଲର କଂକ୍ରିଟ ଭାଙ୍ଗି ଯାଇଥିବାରୁ ଏକ ଅଟୋ ଯିବା ସମୟରେ ପୋଲରେ ଅଟୋଟି ଲଟକି ରହିଥିବା ନଜିର ରହିଛି । ଏବେ ଗ୍ରାମବାସୀମାନେ ଏହି ପୋଲ ଉପରେ ବାଉଁଶ, ନଡିଆ ଗଛ ଗଣ୍ଡି ପକାଇ ବିପଦଶଙ୍କୁଳ ଅବସ୍ଥାରେ ଅପର ପାର୍ଶ୍ୱକୁ ଆସୁଛନ୍ତି । ଦୀର୍ଘ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ବିପଦଶଙ୍କୁଳ ପୋଲ ଉପରେ ସ୍ଥାନୀୟ ଲୋକେ ଯାତାୟତ କରୁଛନ୍ତି। ତେଣୁ କଟକ ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ନୂତନ ପୋଲ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

■ ଗୋଟିଏ ସମୟ ଥିଲା-ଗଣମାଧ୍ୟମ ଉପରେ ଲୋକଙ୍କର ଅତ୍ୟଧିକ ଆସ୍ଥାଥିଲା, ବିଶ୍ୱସନ୍ୟତା ଥିଲା ଗଣମାଧ୍ୟମର। ଏବେ ଲୋକଙ୍କର ଗଣମାଧ୍ୟମ ଉପରୁ ବିଶ୍ୱାସ ତୁଟିଗଲାଣି। ସମାଜର ପ୍ରକୃତ ନିଛକ ଚିତ୍ର ଅନେକ ସମୟରେ ଗଣମାଧ୍ୟମରେ ପ୍ରତିଫଳିତ ହେଉନାହିଁ। ଗଣମାଧ୍ୟମକୁ ନିରବ ରହିବାକୁ ପଡୁଛି ଅନେକ ସମୟରେ। ଏହାର ଅନେକ କାରଣ ମଧ୍ୟ ରହିଛି। ଏସବୁର ତର୍ଜମା ନକରିବା ଭଲ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୭ ନଭେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍


## ବଦଳୁଛି ଗଣମାଧ୍ୟମର ପରିଭାଷା

**୧୬** ନଭେମ୍ବର, ରବିବାର ଥିଲା-ଜାତୀୟ ପ୍ରେସ୍ ଦିବସ। ପ୍ରେସ୍ ବା ଓଡ଼ିଆରେ କହିଲେ ଗଣମାଧ୍ୟମ ହେଉଛି ସମାଜର ଏକ ଆଇନା। ଏଥିରେ ସମାଜର ପ୍ରତିଛବି ପ୍ରତିଫଳିତ ହୋଇଥାଏ। ଗଣମାଧ୍ୟମ ବା ଖବରକାଗଜ ଉପରେ ନିୟୋମିତ ନଜର ରଖିଲେ ସମାଜର ସମ୍ପ୍ରତିକ ସ୍ଥିତି ଓ ଚିତ୍ର ଠିକ୍ ଜାଣିହୁଏ।

ଏବେ କିନ୍ତୁ ଗଣମାଧ୍ୟମର ସ୍ୱଚ୍ଛତା ଏବଂ ନିରପେକ୍ଷତା ଉପରେ ସବୁବେଳେ ପ୍ରଶ୍ନବାଚୀ। ଅନେକ ସମୟରେ ଗଣମାଧ୍ୟମ ଉପରେ ଲୋକଙ୍କର ଆସ୍ଥା ରହୁନି। କିନ୍ତୁ ଏକଥା ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ, ଗଣମାଧ୍ୟମ ନଥିଲେ ଅନେକ ସତ୍ୟ ଲୁଚିଯାଇଥାନ୍ତା। ଥରେ ଗଣମାଧ୍ୟମର ଖବର ପାଲଟି ଗଲେ ତାକୁ ଆଉ ଲୁଚେଇ ହୁଏନାହିଁ। ଦେଶର ଅନେକ ବଡ ବଡ ପ୍ରସଙ୍ଗ ଗଣମାଧ୍ୟମ ଜରିଆରେ ହିଁ ସାମ୍ନାକୁ ଆସିଛି ଏବଂ ପରବର୍ତ୍ତି ସମୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗଣତନ୍ତ୍ରକୁ ବଳିଷ୍ଠ କରେ ଗଣମାଧ୍ୟମ।

ପ୍ରଶ୍ନ ଉଠୁଛି ଆଜିର ଗଣମାଧ୍ୟମ କେତେ ସ୍ୱଚ୍ଛତା ବଜାୟ ରଖିପାରୁଛି ? ଗୋଟିଏ ଖବର ବା ଗୋଟିଏ ପ୍ରସଙ୍ଗ ଭିନ୍ନ ଭିନ୍ନ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରକାଶ ପାଉଛି। ଗଣମାଧ୍ୟମ ମଧ୍ୟ ରାଜନୈତିକ ଦଳର ମୁଖପତ୍ର ଏବଂ ମୁଖପାତ୍ର ବନିଯାଉଛି ଅନେକ ସମୟରେ।

ଗୋଟିଏ ସମୟ ଥିଲା-ଗଣମାଧ୍ୟମ ଉପରେ ଲୋକଙ୍କର ଅତ୍ୟଧିକ ଆସ୍ଥାଥିଲା, ବିଶ୍ୱସନ୍ୟତା ଥିଲା ଗଣମାଧ୍ୟମର। ଏବେ ଲୋକଙ୍କର ଗଣମାଧ୍ୟମ ଉପରୁ ବିଶ୍ୱାସ ତୁଟିଗଲାଣି। ସମାଜର ପ୍ରକୃତ ନିଛକ ଚିତ୍ର ଅନେକ ସମୟରେ ଗଣମାଧ୍ୟମରେ ପ୍ରତିଫଳିତ ହେଉନାହିଁ। ଗଣମାଧ୍ୟମକୁ ନିରବ ରହିବାକୁ ପଡୁଛି ଅନେକ ସମୟରେ। ଏହାର ଅନେକ କାରଣ ମଧ୍ୟ ରହିଛି। ଏସବୁର ତର୍ଜମା ନକରିବା ଭଲ।

ଆଲୋଚନା ହେଉଛି-ଗଣମାଧ୍ୟମ ଏବେ ସରକାରଙ୍କ ପକେଟରେ। ଯେଉଁ ଦଳ ସରକାରରେ ରହିଲେ ଗଣମାଧ୍ୟମ ତାଙ୍କ ସ୍ତୁତିଦାନ କରିବାକୁ ପଛାଉନାହାନ୍ତି। ଏହି କାରଣରୁ ଅନେକ ସମୟରେ ଅନେକ ସତ୍ୟ ମଧ୍ୟ ଲୁଚିଯାଉଛି। ତିନିତୁଣ୍ଡରେ ଛେଳି କୁକୁର ଭଳି ଅବସ୍ଥା ମଧ୍ୟ ସୃଷ୍ଟି ହେଉଛି।

ସ୍ୱାଧିନତା ପୂର୍ବ ଏବଂ ସ୍ୱାଧିନତା ପରେ ଗଣମାଧ୍ୟମର ଏକ ବଡ ଭୂମିକା ଥିଲା ସମଜ ଗଠନରେ। ଗଣମାଧ୍ୟମ କହିଲେ ସେତେବେଳେ ଖବରକାଗଜ ଏବଂ ରେଡିଓକୁ ହିଁ ବୁଝାଉଥିଲା। ପରେ ପରେ ଆସିଲା ଟିଭି ବା ଦୂରଦର୍ଶନ। ଏବେ ଟିଭି ଚ୍ୟାନେଲର ଅଭାବ ନାହିଁ ସ୍ମାର୍ଟ ଫୋନରେ। ସାମାଜିକ ଗଣମାଧ୍ୟମ ମଧ୍ୟ ମଣମାଧ୍ୟମର ବିକଳ୍ପ ହୋଇପାରିଛି।

ଖବର କାଗଜ ହେଉ କି ବୈଦ୍ୟୁତିକ ଗଣମାଧ୍ୟମ ହେଉ-ଏସବୁ ସଂସ୍ଥାକୁ ଚଳାଇବା ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ଥାଏ। ତେଣୁ ବିଜ୍ଞାପନ ନଆସିଲେ ଖବରକାଗଜ ବା ଗଣମାଧ୍ୟମ ଚଳାଇ ରଖିବା ସମ୍ଭବ ହୁଏନାହିଁ। ତେଣୁ ଆଜିକାଲି ବଡ ବଡ ଗଣମାଧ୍ୟମ ଗୁଡିକ ମଧ୍ୟ ପୁଞ୍ଜିପତିଙ୍କ ହାତରେ ରହିଛି। ଆଜିକାଲି ସ୍ମାର୍ଟ ଫୋନ୍ ଆସିବା କାରଣରୁ ଖବରକାଗଜ ପଢିବା ଏବଂ ଟିଭି ଖବର ଦେଖିବାର ଅଭ୍ୟାସ ଆଉ ଲୋକଙ୍କ ପାଖରେ ନାହିଁ। ସ୍ମାର୍ଟ ଫୋନରେ ମଧ୍ୟ ମିଳିଯାଉଛି ଖବର। ବିନା ବିଜ୍ଞାପନରେ ଖବରକାଗଜ ଚଳାଇବା କଷ୍ଟସାଧ ହୋଇପଡିଲାଣି। ତେଣୁ ବିଜ୍ଞାପନକୁ ଆଶା ରଖିବା କାରଣରୁ ଅନେକ ସମୟରେ କଲମକୁ ଖୁବ୍ ସାବଧାନତାର ସହ ଚଳାଇବାକୁ ପଡୁଛି କିମ୍ବା କଲମର କ୍ୟାପ୍‌କୁ ବନ୍ଦ ରଖିବାକୁ ପଡୁଛି। ବାଧ ହୋଇ ଅନେକ ସମୟରେ ସ୍ତୁତିଦାନ ମଧ୍ୟ କରିବାକୁ ପଡୁଛି ବିଜ୍ଞାପନ ଦାତାମାନଙ୍କର।

ଖବରକାଗଜ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଗୁଡିକ ଏବେ ଅନେକଟା ବିଜ୍ଞାପନ ସଂସ୍ଥା ବା ଆଡାଭାଟାଇଜିଂ ଏଜେନ୍ସି ଭଳି ହିଁ କାମ କରୁଛି। ବିଜ୍ଞାପନ ସଂସ୍ଥାର ଏକମାତ୍ର ଲକ୍ଷ୍ୟ ଯେମିତି ଥାଏ-ପଣ୍ୟର ପ୍ରସଂଶା କରିବା ଠିକ୍ ସେହିଭଳି ଦାୟିତ୍ୱ ଏବେ ଗଣମାଧ୍ୟମ ତୁଲାଉଛି। ରାଜନୈତିକ ଦଳର ନେତାମାନେ ଆଜିକାଲି ନିର୍ବାଚନ ପ୍ରଚାର ପାଇଁ ବିଜ୍ଞାପନ ସଂସ୍ଥାର ସାହାର୍ଯ୍ୟ ନେଉଛନ୍ତି। ଏବେ ଖବର କାଗଜ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଗୁଡିକ ମଧ୍ୟ ବିଜ୍ଞାପନ ସଂସ୍ଥା ପାଲଟି ଯିବାକୁ ବାଧ ହେଲେନି, ନହେଲେ ସଂସ୍ଥା ଚଳାଇବା ସମ୍ଭବପର ହେଉନି। ଏହି କାରଣରୁ ଗଣମାଧ୍ୟମର ସ୍ୱଚ୍ଛତା ଉପରୁ ଲୋକଙ୍କର ଆସ୍ଥା ତୁଟି ଯାଉଛି।

# ଯଦି ଓ କାହିଁକିର ଭଉଁରୀରେ...

> କେବଳ ରାଜନୈତିକ ବ୍ୟକ୍ତି ନୁହଁନ୍ତି ଆତ୍ମୀୟସ୍ୱଜନଙ୍କଠାରୁ ନେଇ ଆଖପାଖ ନାମୀଦାମୀ ଲୋକଙ୍କ ଜୀବନଧାରା ଅନୁଧ୍ୟାନ କରନ୍ତୁ ଦେଖିବେ ଯିଏ ଭୁଲିଯିବାର କଳା ଅକ୍ତିଆର କରିଛି ତା' ଜୀବନ ଅନ୍ୟମାନଙ୍କ ତୁଳନାରେ ଅଧିକ ଚକ୍‌ଚକ୍ କରୁଛି । ପ୍ରତିଶ୍ରୁତି ଦେଇ ଯିଏ ଭୁଲିଯାଇପାରୁଛି, ଯିଏ ବନ୍ଧୁତ୍ୱର ଅର୍ଥ ଭୁଲିଯାଇପାରୁଛି, ଯିଏ ଅନ୍ୟର ଉପକାର ଭୁଲିଯାଇପାରୁଛି ତା' ଜୀବନରେ ଅପେକ୍ଷାକୃତ କମ୍ ସମସ୍ୟା । ଏଇ ଦୃଷ୍ଟିରୁ ଦେଖିଲେ ଉପରକୁ ଯିବା ପାଇଁ, ସୁଖରେ ରହିବା ପାଇଁ ଭୁଲିଯିବା ଯେ ଏକ ନିଶ୍ଚିତ ଆବଶ୍ୟକତା ଏକଥାରେ ଅନେକେ ଏକମତ ହେବେ ।

**ଭା**ରତୀୟ ଦଣ୍ଡସଂହିତାର ଦଫା ସମସ୍ତଙ୍କ ପାଇଁ ସମାନ । ଧନୀ ଲୋକ ମଣିଷ ମାରିଲେ ଯେଉଁ ଦଫା ଲାଗୁହୁଏ ଦରିଦ୍ର ପାଇଁ ମଧ୍ୟ ସେଇ ଦଫା । ଅବଶ୍ୟ ଗଣମାଧ୍ୟମରେ ଏଥିନେଇ କିଛିଟା ଫରକ୍ ରହିଛି । ଗଣମାଧ୍ୟମ ଦରିଦ୍ରଙ୍କ ପାଇଁ ଖୁବ୍ ବାହୁନେ । କିନ୍ତୁ ଧନୀ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ କଥା ଯେତେ ଛାପେ ବା ପ୍ରଦର୍ଶନ କରେ ଦରିଦ୍ରଙ୍କ କଥା ସେତେଟା ସାମ୍ନାକୁ ଆସେ କି ? ବଡ଼ ବଡ଼ ହୋଟେଲ୍‌ରେ ଜଣେ ମାମୁଲି ଲୋକ କ'ଣ ସାମ୍ବାଦିକ ସମ୍ମିଳନୀ ଡାକିପାରିବ ?

ଆମ ଦେଶରେ ସମସ୍ୟା ଏବଂ ସମାଲୋଚନା ଏକାଠି ଚାଲନ୍ତି । ତେଣୁ ନାନା ମୁନି ନାନା ମତ । ଏଇ ପରିପ୍ରେକ୍ଷୀରେ ମୋର ଏକ ବହୁ ପୁରାତନ ଲୋକପ୍ରିୟ ଗପ ମନେପଡୁଛି । ଏହି ଗପଟି ଓଡ଼ିଶାର ଅତିକମ୍‌ରେ ୫୦ ପ୍ରତିଶତ ଲୋକଙ୍କୁ ଜଣା । ତେଣୁ ଆଉଥରେ ମନେପକେଇଦେଲେ ଗପଟି ପଢ଼ିଥିବା ଲୋକେ ଏଥିରୁ ଆନନ୍ଦ ପାଇବେ ବୋଲି ଭାବି ତାକୁ ଆଜି ପୁଣିଥରେ ଦେଲି ।

ଜଣେ ବୟସ୍କ ବ୍ୟକ୍ତିଙ୍କର ଗଧଟିଏ ଥିଲା । ଦିନେ ସେ ସେଇ ଗଧ ପିଠିରେ ତାଙ୍କ ସ୍ତ୍ରୀଙ୍କୁ ବସାଇ କୌଣସି ଏକ ସ୍ଥାନକୁ ଯାଉଥିଲେ । ବାଟରେ କିଛି ଲୋକ ସେମାନଙ୍କୁ ଦେଖିଲେ । ସ୍ତ୍ରୀ ଗଧ ପିଠିରେ ବସିଥିବାବେଳେ ବୟସ୍କ ସ୍ୱାମୀ ଚାଲିକି ଯାଉଥିବାରୁ ଲୋକେ ତାଙ୍କ ପତ୍ନୀଙ୍କର କଡ଼ା ସମାଲୋଚନା କଲେ । କହିଲେ- ଏ ସ୍ତ୍ରୀଲୋକକୁ ଦେଖ ହେ, ସ୍ୱାମୀ ଚାଲିକି ଯାଉଛି ଆଉ ଇଏ ମଜାରେ ଗଧ ପିଠିରେ ବସିଛି !

ଗଧ ପିଠିରେ ବସିଥିବା ମହିଳା ଏ କଥା ସହ୍ୟ କରିପାରିଲେନି । ସେ ସେଇ ମୁହୂର୍ତ୍ତରେ ଗଧରୁ ଓହ୍ଲାଇ ତାଙ୍କ ସ୍ୱାମୀଙ୍କୁ ତା' ଉପରେ ବସିବାକୁ ଅନୁରୋଧ କଲେ ।

ଏବେ ସ୍ୱାମୀ ବସିଲେ ଗଧ ଉପରେ ।

କିଛିବାଟ ଯିବା ପରେ ପୁଣି କିଛି ଲୋକ ସେମାନଙ୍କୁ ଦେଖି ସମାଲୋଚନା କଲେ । ଦେଖହେ, ସ୍ତ୍ରୀକୁ ପାଦରେ ଚଲେଇକି ନେଉଛି, ନିଜେ କିନ୍ତୁ ଗଧ ପିଠିରେ ଆରାମ୍‌ସେ ବସିଛି ! ମହିଳାଙ୍କ ପ୍ରତି ସାମାନ୍ୟ ସମ୍ମାନ ନାହିଁ !

ଲୋକଙ୍କର ଏହି ପ୍ରତିକ୍ରିୟା ଶୁଣିବା ପରେ ଏବେ ଉକ୍ତ ବ୍ୟକ୍ତି ପୂର୍ବପରି ସ୍ତ୍ରୀଙ୍କୁ ଗଧ ପିଠିରେ ବସିବା ପାଇଁ କହିଲେ । ଏଥର ସ୍ୱାମୀ-ସ୍ତ୍ରୀ ଦୁହେଁ ଗଧ ପିଠିରେ ବସି ଆଗେଇଲେ ।

ଗଧ କଷ୍ଟେମଷ୍ଟେ ଚାଲୁଥାଏ । କିଛିବାଟ ଯିବା ପରେ ପୁଣି କିଛି ଲୋକ ସେମାନଙ୍କୁ ଦେଖି ସମାଲୋଚନା କଲେ- ଦେଖ ହେ, କେଡ଼େ ନିର୍ଦ୍ଦୟ ଏ ସ୍ୱାମୀ-ସ୍ତ୍ରୀ ହଳକ ! ଜୀବ ପ୍ରତି ସାମାନ୍ୟ ଦୟା ନାହିଁ ! ଦୁଇ ଦୁଇଟା ଲୋକ ଗଧ ପିଠିରେ ବସିଛନ୍ତି ! ଧିକ୍ ଏମାନଙ୍କୁ !

ଏ ସମାଲୋଚନା ସହିବା ସତରେ ଭାରି କଷ୍ଟ !

ସ୍ୱାମୀ-ସ୍ତ୍ରୀ ତୁରନ୍ତ ଗଧ ପିଠିରୁ ଓହ୍ଲାଇ ପଡ଼ିଲେ । ଏବେ ସେମାନେ ଗଧକୁ ସାଥୀରେ ନେଇ ଆଗେଇଲେ । କିଛିବାଟ ଯିବା ପରେ ପୁଣି କିଛିଲୋକ ସେମାନଙ୍କୁ ଦେଖିଲେ । ଏବେ କିନ୍ତୁ ହାସ୍ୟରୋଳ ସହ ତୀବ୍ର ସମାଲୋଚନା- ଇଏ ଦୁଇଜଣ ହିଁ ପ୍ରକୃତରେ ଗଧ ! ନହେଲେ ଗଧ ପିଠିରେ ସବାର ନହୋଇ ଏମାନେ ଦୁହେଁ ପାଦରେ ଚାଲୁଥାନ୍ତେ କାହିଁକି ? ଦୁଇଜଣ ନହେଲା ନାଇଁ, ଜଣେ ତ ବସିପାରନ୍ତା !

ବୟସ୍କ ଦମ୍ପତି ଏ ସମାଲୋଚନାରେ ବିବ୍ରତ ହୋଇପଡ଼ିଲେ । ସେମାନେ ଦୁହେଁ ଏକ ନକରିବା କାମ କଲେ । ଦୁଇଜଣ ମିଶି ଗଧକୁ କାନ୍ଧରେ ଥୋଇ ଆଗେଇଲେ । ଲୋକେ ଏଥର ଆହୁରି ଜୋର୍‌ରେ ହସିଲେ ।

କିଛିବାଟ ଯିବା ପରେ ପୋଲଟିଏ ପଡ଼ିଲା । ବୟସ୍କ ଦମ୍ପତି ତା' ଉପର ଦେଇ ଯିବାବେଳେ ଭାରସାମ୍ୟ ରକ୍ଷା କରିନପାରି ପୋଲ ତଳକୁ ଗଳିପଡ଼ି ଅନ୍ତିମଶ୍ୱାସ ନେଲେ ।

ଆମ ଦେଶରେ ବଳାତ୍କାରଠାରୁ ନେଇ ଶବସତ୍କାର ଯାଏ, ପିମ୍ପୁଡ଼ି କାମୁଡ଼ାଠୁ ନେଇ ମାଙ୍କଡ଼ ଆମ୍ପୁଡ଼ା ଯାଏ ସବୁ କିଛିକୁ ନେଇ ଆଲୋଚନା ଯେତେ ଶୀଘ୍ର ହୁଏ, ସମାଲୋଚନା ସେତେ ତୀବ୍ର ହୁଏ । ଏ ସମାଲୋଚନାରେ କ୍ଷତିଗ୍ରସ୍ତ ବ୍ୟକ୍ତି ତ ବିଶେଷ ଉପକୃତ ହୁଏ ନାହିଁ ବରଂ ସେ ଅଧିକ କ୍ଷତିଗ୍ରସ୍ତ ହୋଇଥିବାର ବହୁ ନଜିର୍ ରହିଛି !

ଆମ ବ୍ୟବସ୍ଥାରେ କିଛି ଶବ୍ଦ ଖୁବ୍ ଲୋକପ୍ରିୟ । ଯଦି ଏମିତି ହେଲା ତା'ହେଲେ ସେମିତି କାହିଁକି ନହୋଇଥିବ ? ଏହି 'ଯଦି' ଏବଂ 'କାହିଁକି'ର ଭଉଁରିରେ ପଡ଼ି ଅନେକ ଘଟଣା ଅନେକ ସମୟରେ ଗୋଳମାଳିଆ ହୋଇଯାଏ । ଦୋଷ କରିଥିବା ଲୋକ ଖୁସିରେ ଖସିଯାଏ ! କାରଣ ଆମ ଦେଶର ବିଚାର ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା । ତେଣୁ ସେଇ ଆଇନର ଭାଷାରେ- ''ଜଷ୍ଟିସ୍ ଡିଲେଡ୍, ଜଷ୍ଟିସ୍ ଡିନାଏଡ୍'' ଉକ୍ତିଟି କୋର୍ଟକୁ ଦୌଡୁଥିବା ଅଧିକାଂଶ ଲୋକଙ୍କ ପାଇଁ ଯେ ଏକ ନିଷ୍ଠୁର ବାସ୍ତବତା ଏ କଥା ଆଇନର ତର୍ଜମା କରୁଥିବା ଏବଂ ଆଇନକୁ ସମ୍ମାନ ଦେଉଥିବା ଲୋକମାନେ ନିଶ୍ଚେ କହିବେ ।

### ଭୁଲିଯିବାର କଳା

**ମ**ଣିଷ ଜାଣିଶୁଣି ଭୁଲ୍ କରେନା । କୌଣସି କଥା ଭୁଲିଗଲେ ହିଁ ଭୁଲ୍ ହୋଇଯାଏ । ଜଣକୁ ଗୋଟେ ଜିନିଷ ଦେବାର ଅଛି, ସେ ଜିନିଷ ଦେବା ପାଇଁ ଯଦି ସେ ଭୁଲିଯାଏ ତେବେ ଏ କ୍ଷେତ୍ର ସେ ଭୁଲ୍ କରି ବସିବ । ଅଙ୍କ କଷିବାକୁ ଯାଇ ଫର୍ମୂଲା ଭୁଲିଗଲେ ଉତ୍ତର ନିଶ୍ଚେ ଭୁଲ୍ ହେବ । ସ୍ତ୍ରୀଙ୍କ ଜନ୍ମଦିନ ତାରିଖ ଭୁଲିଗଲେ ସେ ବିପଦ ବଡ଼ ଭୁଲ୍ ଡାକିଆଣିପାରେ । ଘର ନମ୍ବର ଭୁଲି ଯାଇ ଅନ୍ୟ କେଉଁ ନମ୍ବର ଘରେ ପଶିଗଲେ ଯେଉଁ ଭୁଲ୍ ହେବ ତା' ସମସ୍ତେ ସହଜରେ ଗ୍ରହଣ କରିବେ ନାହିଁ । ମୋବାଇଲ୍ ଫୋନ୍‌ରେ ନମ୍ବର ଭୁଲିଗଲେ ବେଳେବେଳେ ଅନେକ ବଡ଼ ଭୁଲ୍ ହୋଇଯାଏ । ଅଫିସ୍‌ରେ ଦିଆଯାଇଥିବା କାମ ଭୁଲିଗଲେ ସେ ଭୁଲ୍ ପାଇଁ ହୁଏତ ଦରମା କଟିପାରେ ।

ଭୁଲିଯିବା ତେଣୁ ଏକ ନକରାତ୍ମକ ମାନସିକତା । ହେଲେ ଏଇ ଭୁଲିଯିବା ଗୁଣ ଯେ ମଣିଷକୁ ସୁଖ ସମୃଦ୍ଧିରେ ପୋତିପକାଏ ଏକଥା ସହଜରେ ଭୁଲିଯାଉଥିବା ବଡ଼ ବଡ଼ ଲୋକମାନଙ୍କର ସୁଖସ୍ୱଚ୍ଛନ୍ଦ୍ୟଭରା ଜୀବନଶୈଳୀକୁ ଦେଖିଲେ ବେଶ୍ ବୁଝିହୁଏ । ଏଇ ଆମ ନେତାମାନେ, ମନ୍ତ୍ରୀମାନେ କେତେ କଥା ନ କହୁଛନ୍ତି, ସେଥିମଧ୍ୟରୁ ଅନେକ କଥା ଭୁଲିଯାଉଛନ୍ତି । କିନ୍ତୁ କେତେ ଭଲରେ ନ ଚଳୁଛନ୍ତି ସେମାନେ?

କେବଳ ରାଜନୈତିକ ବ୍ୟକ୍ତି ନୁହଁନ୍ତି ଆତ୍ମୀୟସ୍ୱଜନଙ୍କଠାରୁ ନେଇ ଆଖପାଖ ନାମୀଦାମୀ ଲୋକଙ୍କ ଜୀବନଧାରା ଅନୁଧ୍ୟାନ କରନ୍ତୁ ଦେଖିବେ ଯିଏ ଭୁଲିଯିବାର କଳା ଅକ୍ତିଆର କରିଛି ତା' ଜୀବନ ଅନ୍ୟମାନଙ୍କ ତୁଳନାରେ ଅଧିକ ଚକ୍‌ଚକ୍ କରୁଛି । ପ୍ରତିଶ୍ରୁତି ଦେଇ ଯିଏ ଭୁଲିଯାଇପାରୁଛି, ଯିଏ ବନ୍ଧୁତ୍ୱର ଅର୍ଥ ଭୁଲିଯାଇପାରୁଛି, ଯିଏ ଅନ୍ୟର ଉପକାର ଭୁଲିଯାଇପାରୁଛି ତା' ଜୀବନରେ ଅପେକ୍ଷାକୃତ କମ୍ ସମସ୍ୟା । ଏଇ ଦୃଷ୍ଟିରୁ ଦେଖିଲେ ଉପରକୁ ଯିବା ପାଇଁ, ସୁଖରେ ରହିବା ପାଇଁ ଭୁଲିଯିବା ଯେ ଏକ ନିଶ୍ଚିତ ଆବଶ୍ୟକତା ଏକଥାରେ ଅନେକେ ଏକମତ ହେବେ ।

# ଆରୋଗ୍ୟକାରୀ ନା ଆତଙ୍କବାଦୀ

■ ଡ.ମନୋଜ କୁମାର ମହାନ୍ତି ■

**ଭା**ରତର ରାଜଧାନୀ ଦିଲ୍ଲୀର ଲାଲକିଲ୍ଲାରେ ଘଟିଥିବା ବିସ୍ଫୋରଣକୁ ନେଇ ସବୁଠି ଚର୍ଚ୍ଚା ତଥା ଆତଙ୍କ । ଦୀର୍ଘଦିନର ବ୍ୟବଧାନରେ ଭାରତର ରାଜଧାନୀରେ ଆତଙ୍କୀ କାର୍ଯ୍ୟକଳାପ ଅତ୍ୟନ୍ତ ଉଦ୍‌ବେଗଜନକ । ସ୍ୱାଧୀନତା ପ୍ରାପ୍ତିର ଏଯାବତ୍ ଭାରତ ସୀମାରେ ଆତଙ୍କୀ କାର୍ଯ୍ୟକଳାପ ଜାରି ରହିଥିବା ସତ୍ତ୍ୱେ ବିଗତ କିଛିବର୍ଷ ହେବ ଆଭ୍ୟନ୍ତରୀଣ ଆତଙ୍କ ଆକ୍ରମଣରୁ ଦେଶ ସୁରକ୍ଷିତ ଅନୁଭବ କରୁଥିବାବେଳେ ପୁନଶ୍ଚ ରାଜଧାନୀରେ ଆତଙ୍କବାଦୀମାନେ ସେମାନଙ୍କ ଲକ୍ଷ୍ୟ ସାଧନାରେ ସଫଳ ହେବା ଏକ ଦୁଃଖଦ ଘଟଣା । ଦିଲ୍ଲୀ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଭାବେ ଫରିଦାବାଦସ୍ଥିତ ଅଲ୍-ଫଲହ ମେଡିକାଲ ମହାବିଦ୍ୟାଳୟର ଡାକ୍ତରମାନେ ଯେଉଁ ନିର୍ଭୟରେ ଆତଙ୍କୀ କାର୍ଯ୍ୟ ସମ୍ପାଦନ କରିଛନ୍ତି ତାହା ରାଷ୍ଟ୍ରୀୟ ସୁରକ୍ଷାକୁ ନେଇ ବୃହତ ପ୍ରଶ୍ନ । ମୁଖ୍ୟତଃ ପୁରୁଷମାନେ ଆତଙ୍କୀ କାର୍ଯ୍ୟରେ ଲିପ୍ତଥିବା ବେଳେ ଏଥର କିନ୍ତୁ ଆତଙ୍କୀ ଗୋଷ୍ଠୀରେ ସାମିଲି ହୋଇଥିବା ନାରୀମାନଙ୍କ ଚେହେରା ସାମନାକୁ ଆସିଛି । ତାହାପୁଣି ସ୍ୱାସ୍ଥ୍ୟସେବାଧାରୀ ଡାକ୍ତର ଗୋଷ୍ଠୀ । ସାଧାରଣ ଜନତା ଡାକ୍ତରଙ୍କୁ ଦ୍ୱିତୀୟ ଜୀବନ୍ତ ସ୍ରଷ୍ଟାରୂପେ ଗ୍ରହଣ କରିଥିବା ଡାକ୍ତରମାନେ ବି ଦେଶ ବିରୋଧୀ ଆତଙ୍କ ଭଳି ଘୃଣ୍ୟକର୍ମ କରି ସାଧାରଣ ଜୀବନକୁ କଲବଲ୍ କରି ମାରିବି ପାରନ୍ତି ! ଶରୀରକୁ ସୁସ୍ଥ ଏବଂ ସୁରକ୍ଷିତ ରଖିବାପାଇଁ ଖାଦ୍ୟ ଓ ବିଶ୍ରାମ ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ ନିରୋଗପୂର୍ଣ୍ଣତା । ବେଳେବେଳେ ରୋଗ ତଥା ଭୟଙ୍କର ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିବା ଶରୀର ପାଇଁ ଉପଚାର ଆବଶ୍ୟକ । ବିନା ଉପଚାରରେ ଶରୀରରେ ନା ରୋଗ ଦୂରହେବ ନା ଦୁର୍ଘଟଣାର ଉପଶମ ସମ୍ଭବ । ଆରୋଗ୍ୟପାଇଁ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ରୋଗ ହେଉକି ଦୁର୍ଘଟଣା, ଶରୀରପାଇଁ ଆରୋଗ୍ୟ ସର୍ବପ୍ରଥମ । ବୟସର ଅପରାହ୍ନରେ ପାଦ ଦେଇଥିବା ବୃଦ୍ଧବୃଦ୍ଧା, ଜୀର୍ଣ୍ଣଶୀର୍ଣ୍ଣ ତଥା ଯନ୍ତ୍ରଣାରେ ଛଟପଟ ହେଉଥିବା ମଣିଷଟେ ମଧ୍ୟ ଟିକେ ଖୁସିରେ ଜିଇଁବାକୁ ଚାହେଁ । ସେଥିପାଇଁ ଭେଷଜ ବିଜ୍ଞାନ ଓ ଭେଷଜ ବିଶେଷଜ୍ଞମାନେ ସମାଜରେ ସଦାସର୍ବଦା ବୃହତ୍ ଭୂମିକା ଗ୍ରହଣ କରିଆସୁଛନ୍ତି । ମାନବ ସେବା ହିଁ ମାଧବ ସେବା । ଆରୋଗ୍ୟ ବିଶ୍ୱର ଶ୍ରେଷ୍ଠ ସେବାରେ ଅନ୍ତର୍ଭୁକ୍ତ । ଅନେକ ସମୟରେ ଭେଷଜ ଉପଚାର ଦ୍ୱାରା ଗୋଟେ ଜୀବନକୁ ବଞ୍ଚେଇ ରଖିବାର ଆନ୍ତରିକ ପ୍ରୟାସକୁ ଆରୋଗ୍ୟ କୁହାଯାଏ ।

ପ୍ରାଚୀନ କାଳରେ ଚେରମୂଳି ରୋଗର ନିବାରକ ବା ନାଶକଭାବେ ଗ୍ରହଣ କରି ଶାରିରୀକ ସୁସ୍ଥତା ଅନୁଭବ କରାଇବାରେ ବୈଦ୍ୟମାନଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମୟକ୍ରମେ ବିକଶିତ ମଣିଷ ମଧ୍ୟ ତା ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେଲା ବିଶେଷ କରି ମହାମାରୀ ରୋଗ ସହ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ଗୁରୁତର ଶାରିରୀକ ଦୁର୍ଘଟଣାର ଉପଶମ ନିମନ୍ତେ ଅସ୍ତ୍ରପ୍ରଚାରପୂର୍ବକ ଅଙ୍ଗପ୍ରତ୍ୟଙ୍ଗର ଥଇଥାନ କରି ଶାରିରୀକ ଯନ୍ତ୍ରଣାକୁ କିପରି କାବୁ କରାଯିବ ସେଥିପାଇଁ ବିଭିନ୍ନ ଔଷଧ ପ୍ରସ୍ତୁତି ସହ ଅସ୍ତ୍ରପ୍ରଚାର ମାଧ୍ୟମରେ ବିଭିନ୍ନ ରୋଗ ଉପରେ ବିଜୟପ୍ରାପ୍ତ କଲା । ଧୀରେଧୀରେ ଭେଷଜ ବିଜ୍ଞନର ଆଦର ଏବଂ ଚାହିଦା ବଢିଲା । ତା'ର ପୃଷ୍ଠପୋଷକ ସାଜିଲେ କିଛି ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଗଣ । ରୋଗରେ ପୀଡ଼ିତ ଜନତା ସାଜିଲେ ରୋଗୀ, ସେମାନଙ୍କୁ ଆରୋଗ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଡାକ୍ତର ଏବଂ ରୋଗୀ ଓ ଡାକ୍ତରଙ୍କ ଆରୋଗ୍ୟ ସ୍ଥାନ ଡାକ୍ତରଖାନାଭାବେ ପରିଚିତ ହେଲା । ଉଭୟ ବେସରକାରୀ ଓ ସରକାରୀ ସ୍ତରରେ ଆରମ୍ଭ ହେଲା ଡାକ୍ତରୀସେବା । ପ୍ରଥମେ ଡାକ୍ତରସେବାକୁ ଜୀବନର ବ୍ରତଭାବେ ଆଖିରେ ରଖି କାର୍ଯ୍ୟରତ ଡାକ୍ତରମାନେ ପରବର୍ତ୍ତୀ ସମୟରେ ସେବା ବଦଳରେ ରୋଗୀଙ୍କୁ ଶୋଷିବାରେ ଲାଗି ପଡ଼ିଲେ । ଡାକ୍ତର ଡିଗ୍ରୀଧାରୀ ନିଜନିଜର ବ୍ୟକ୍ତିଗତ କ୍ଲିନିକ୍ ଖୋଲି ଆର୍ଥିକ ସ୍ୱଚ୍ଛଳ ପରବାରଙ୍କୁ ଶୀଘ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଅଧିକ ରୋଜଗାର କରିବାର ମନୋବୃତ୍ତିର ରୂପରେଖ ବ୍ୟକ୍ତିଗତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ । ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇବା ଲକ୍ଷ୍ୟରେ ଲୋକ ସରକାର ଡାକ୍ତରଖାନା ପରିବର୍ତ୍ତେ ବେସରକାରୀ ଡାକ୍ତଖାନାଗୁଡ଼ିକରେ ଭିଡ଼ ଜମାଇଲେ । ଅତ୍ୟାଧୁନିକ ଯନ୍ତ୍ରପାତି ସହ ଆଶୁଚିକିତ୍ସାର ତୁରନ୍ତ ସ୍ୱାସ୍ଥ୍ୟସେବା ଆଶାରେ ସଭିଏଁ ଧାଇଁଲେ ବେସରକାରୀ ଡାକ୍ତରଖାନା । ମଳ, ମୂତ୍ର ରକ୍ତର ନମୁନା ସଂଗ୍ରହ କରି ତାକୁ ପରୀକ୍ଷା କରାଇବା ଅଧିକାଂଶ ରୋଗର ପ୍ରାଥମିକ ସୋପାନ । ଯା ବିନା ରୋଗର ନିରାକରଣ ସମ୍ଭବ ନୁହେଁ । ତା'ସହ ଯାବତୀୟ ପରୀକ୍ଷା କରାଇବା ଡାକ୍ତରଙ୍କ ମୁଖ୍ୟ ପରାମର୍ଶ । ସେସବୁ ସମ୍ପୂର୍ଣ୍ଣ ହେଲେ ରିପୋର୍ଟ ଦେଖି ଡକ୍ଟର ଲେଖିବେ ଔଷଧ । ସ୍ୱାସ୍ଥ୍ୟ ସମସ୍ୟା ଓ ତା'ର ସମାଧାନ ଆଜିର ମୁଖ୍ୟ ବିଷୟ । ସ୍ୱାସ୍ଥ୍ୟ ହିଁ ସମ୍ପଦ, ସୁସ୍ଥ ରହିଲେ ଜ୍ଞାନ-ଧନ-ମାନ ସବୁ ପାଇବା ଲକ୍ଷ୍ୟରେ ଡାକ୍ତର, ଡାକ୍ତରଖାନା ଓ ଔଷଧର ଚାହିଦା ଆକାଶ ଛୁଆଁ । ସାଧାରଣ ଜନତାଙ୍କ ମୃତ୍ୟୁ ତଥା ରୋଗର ଭୟ ଦେଖେଇ ଅର୍ଥ ଶୋଷଣ କରିବାର ସବୁ କୌଶଳରେ ଡାକ୍ତରମାନେ ସିଦ୍ଧହସ୍ତ । ଗୁରୁତର ରୋଗୀଙ୍କୁ ଆଡମିଟ୍ କରି ମୃତବ୍ୟକ୍ତିକୁ ଆଇସିୟୁରେ ମାସମାସ ରଖି ଆରୋଗ୍ୟର ମିଛ ନାଟକ କରି ମୋଟାଅଙ୍କର ଅର୍ଥ ଶୋଷିବାରେ ଏମାନେ ମାହିର । ଏମାନଙ୍କ ଦୌରାତ୍ମ୍ୟ ନକହିବା ଭଲ । ଏମାନଙ୍କ ପାଇଁ ଜୀବନ ଅପେକ୍ଷା ଟଙ୍କା ଅଧିକ ମୂଲ୍ୟବାନ । ଅର୍ଥ ନିକଟରେ ନୈତିକର ସ୍ଥାନ ନାହିଁ । ଏହା ଡାକ୍ତରଙ୍କ ନିତିଦିନିଆ ଘଟଣା । ରୋଗୀଙ୍କୁ ଶୋଷଣ କରୁକରୁ ଡାକ୍ତରମାନେ ଦେଶରେ ଆତଙ୍କ ସୃଷ୍ଟିକରିବା ଏକ ବିରଳ ଦୃଷ୍ଟାନ୍ତ । ଯାହା ଅରୋଗ୍ୟ ଉହାଡରେ ଆତଙ୍କବାଦ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଯେଉଁ ଡାକ୍ତରମାନେ ଦେଶର ପ୍ରାକୃତିକ ତଥା ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ସାଧାରଣ ଜନତାଙ୍କୁ ଚିକିତ୍ସା ମାଧ୍ୟମରେ ନୂଆ ଜୀବନ ଦିଅନ୍ତି ସେମାନେ କିପରି ଆତଙ୍କ ଭଳି ଆକ୍ରମଣରେ ଜନତାଙ୍କ ଅସ୍ତିତ୍ୱକୁ ଲୋପକରନ୍ତି ।

ଭାରତର ପ୍ରଭୁତା ଅଖଣ୍ଡତା ଓ ସର୍ବଭୌମତ ରକ୍ଷାକରିବା ହେଉଛି ସୁରକ୍ଷାକର୍ମୀଙ୍କ ଠାରୁ ସାଧାରଣ ଜନତାପର୍ଯ୍ୟନ୍ତ । ସବୁର ଉର୍ଦ୍ଧ୍ୱରେ ଦେଶର ଏକତା ଓ ସୁରକ୍ଷା । ପ୍ରତ୍ୟେକ ପ୍ରଗତିଶୀଳ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ହିଁ ଅର୍ଥନୈତିକ ମାନଦଣ୍ଡ । କିନ୍ତୁ କିଛି ଭାରତୀୟଙ୍କ ମଧ୍ୟରେ ଜାତୀୟତାବାଦ ଅପେକ୍ଷା ସାମ୍ପ୍ରଦାୟିକ ମନୋଭାବ ବହୁମାତ୍ରାରେ । ମାଟିର ମୋହ କମ୍ କିନ୍ତୁ ଭାରତକୁ କବଜା କରିବାପାଇଁ କେଉଁ ପ୍ରାଚୀନକାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି ତା'ର ସମସ୍ତ ଐତିହାସିକ ତଥ୍ୟ ଆମ ସମ୍ମୁଖରେ । ସମସ୍ତଙ୍କର ସେଇ ଗୋଟେ ଲକ୍ଷ୍ୟ ନିଜର ସାମ୍ପ୍ରଦାୟିକ ଆଧିପତ୍ୟ ବିସ୍ତାର । ଭାରତୀୟ ସଭ୍ୟତାସଂସ୍କୃତିକୁ ନଷ୍ଟଭ୍ରଷ୍ଟ କରି ଭାରତୀୟଙ୍କ ମଧ୍ୟରେ ଅରାଜକତା, ଦ୍ୱନ୍ଦ୍ୱ, ହିଂସା, ଘୃଣାର ମଞ୍ଜିବୁଣି ଏକତାକୁ ନଷ୍ଟକରାଇବା, ଭାରତୀୟଙ୍କୁ ଉଦ୍ଦେଶ୍ୟମୂଳକଭାବେ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଆତଙ୍କ ସୃଷ୍ଟି କରିବା ସେମାନଙ୍କର ମୂଳଲକ୍ଷ୍ୟ । ସବୁ ଅରାଜକତା, ଆକ୍ରମଣ, ଧର୍ମଘଟ, ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ସାମ୍ପ୍ରଦାୟିକ ଶତ୍ରୁମାନେ ବୃହତ ଭୂମିକା ଗ୍ରହଣ କରିଆସିଛନ୍ତି । ମିଛ ଭାଇଚାରା ଓ ସରଳତାର ସୁଯୋଗ ନେଇ ସେମାନଙ୍କର ଲକ୍ଷ୍ୟ ସାଧନାରେ ସେମାନେ ବ୍ୟସ୍ତ । ଧର୍ମନିରପେକ୍ଷତା ଓ ମାନବୀୟ ଅଧିକାରକୁ ଅସ୍ତ୍ରକରି ଭାରତରେ ଜାତି, ବର୍ଣ୍ଣ ଓ ଧର୍ମ ମଧ୍ୟରେ ଯେଉଁ ଘଟଣାମାନ ସବୁ ଘଟେଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି । ଭାରତରେ ଉଚ୍ଚଶିକ୍ଷିତ ବିଭିନ୍ନ ବୃତ୍ତିଧାରୀ ଯୁବକଯୁବତୀ ମହିଳା ଏବଂ ବୟୋଜ୍ୟେଷ୍ଠ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତରହିବା ଏକ ବିଚ୍ଛିନ୍ନତାବାଦର ମାନସିକତା । ଶତ୍ରୁରାଷ୍ଟ୍ରର ଜୟଜ୍ଞାନ ସହ ଧାର୍ମିକ ହୀନମନ୍ୟତାର ପ୍ରିୟାପ୍ରୀତି ତୋଷଣପୂର୍ବକ ଆତଙ୍କୀ ସୃଷ୍ଟି କରିଚାଲିଛନ୍ତି । ଆଜିର ବିଶ୍ୱରେ ଧାର୍ମିକ-ଆତଙ୍କୀ ବଡ ସମସ୍ୟାରୂପେ ମୁଣ୍ଡଟେକି ବିଶ୍ୱକୁ ଡରାଇ ଚାଲିଛି । ସେଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଶିକ୍ଷିତବର୍ଗ । ଡାକ୍ତରବୃତ୍ତିରେ କାର୍ଯ୍ୟରତ ସ୍ୱାସ୍ଥ୍ୟସେବା କର୍ମଚାରୀ । କୁହାଯାଏ ଆତଙ୍କିର କୌଣସି ଜାତିଧର୍ମ ନାହିଁ କିନ୍ତୁ ଭାରତବର୍ଷରେ ହେଉଥିବା ପ୍ରତ୍ୟେକ ଆତଙ୍କି କାର୍ଯ୍ୟକଳାପ ଏକ ଧାର୍ମିକ ଗୋଷ୍ଠୀର ସୁଚିନ୍ତିତ ପରିକଳ୍ପନାର ପରିଭାଷା ।

ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗସହ ଆତଙ୍କ କାର୍ଯ୍ୟକଳାପକୁ ରୂପଦେବାର ଲାଗିଛନ୍ତି ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକଯୁବତୀମାନେ। ଆଶ୍ଚର୍ଯ୍ୟର ବିଷୟ । ଏତେ ଗୁଇନ୍ଦା ବିଭାଗ ସତ୍ତ୍ୱେ ଭାରତରେ କାହିଁକି ବାରମ୍ବାର ଆତଙ୍କୀ କାର୍ଯ୍ୟକଳାପ ଘଟିଚାଲିଛି? କାହିଁକି ଏତେ ପ୍ରତିହିଂସା? ଭାରତର ଏକତା ହେଉଛି ଆମର ସୁରକ୍ଷା କବଚଛ ଏହାର କାଣିଚାଏ ଅବହେଳାର ପରିଣାମ ଆମକୁ ଭୋଗିବାକୁ ପଡୁଛି । ରାଷ୍ଟ୍ର ପାଇଁ ପ୍ରତି ମୁହୂର୍ତ୍ତ ଏକ ଘଡିସନ୍ଧୀ ମୁହୂର୍ତ୍ତ । ଏ ଦେଶକୁ, ମହାନ ସଭ୍ୟତାକୁ, ସଂସ୍କୃତି ତଥା ଗାରୀମାକୁ ବଞ୍ଚାଇରଖିବା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ । କାରଣ ଦେଶର ସୁରକ୍ଷାରେ ଆମ ସଭିଙ୍କର ଅସ୍ତିତ୍ୱ ଲୁଚି ରହିଛି । ଜାତି ଓ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଲଢେଇର ଅନ୍ତହେବାରେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରିତ ହୋଇପାରୁନି । ଯେଉଁଠି ସାମ୍ପ୍ରଦାୟିକ ହିଂସାକାଣ୍ଡକୁ ଭିଆଇବାକୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସଦାସର୍ବଦା ଚେଷ୍ଟିତ ଏବଂ ଯୋଜନାବଦ୍ଧ ସେଠି କିଏ କଣ କରିପାରିବ?


ଦର୍ଶନ ବିଭାଗୀୟ ମୁଖ୍ୟ,
ବିଏନଏମଏ ମହାବିଦ୍ୟାଳୟ, ଭଦ୍ରକ,
ମୋ: ୮୮୯୫୩୪୧୦୩୩


# ଓଡ଼ିଶା ପୁଲିସରେ ବ୍ରେନ୍ ମ୍ୟାପିଂ, ଡିଏନଏ ପରୀକ୍ଷା

■ ଯୁଧିଷ୍ଠିର ମହାରଣା ■

**ଅ**ପରାଧୀଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଧରିବା ଓ ଶେଷରେ ଅଦାଲତରେ ସେମାନଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ପାଇଁ ପୁଲିସକୁ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ। ଦଣ୍ଡ ବିଧାନ ବ୍ୟବସ୍ଥାରେ ବ୍ରେନ ମ୍ୟାପିଂ ଓ ଡିଏନଏ ପରୀକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ। ତେବେ ବଡ଼ ଖୁସିର କଥା ଓଡ଼ିଶା ପୁଲିସରେ ବ୍ରେନ ମ୍ୟାପିଂ ଓ ଅତ୍ୟାଧୁନିକ ନେକ୍ସଟ ଜେନେରେସନ ସିକ୍ୱେସିଂ ମାଧ୍ୟମରେ ଡିଏନଏ ପରୀକ୍ଷା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ଅଭିଯୁକ୍ତଙ୍କୁ ନେଇ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନସିକ୍ ସାଇନ୍ସ ଲାବରେଟୋରିରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି ।


ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ ବ୍ରେନ ମ୍ୟାପିଂ ପାଇଁ ଗୁଜୁରାଟ ଗାନ୍ଧୀନଗରରେ ଥିବା ଫରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯାଉଥିଲା। ସେହିଭଳି ଅତ୍ୟାଧୁନିକ ଡିଏନଏ ପ୍ରୋଫାଇଲିଂ ପାଇଁ ହାଇଦ୍ରାବାଦ ପଠାଯାଉଥିଲା। ନେକ୍ସଟ ଜେନେରେସନ ସିକ୍ୱେସିଂ ଯନ୍ତ୍ରାଂଶ ମାଧ୍ୟମରେ ଅତ୍ୟାଧୁନିକ ଡିଏନଏ ପରୀକ୍ଷା କରାଯାଉଛି। ସାଧାରଣତଃ ଡିଏନଏ ଦୁଇ ପ୍ରକାର କରାଯାଇଥାଏ। ଜଣେ ମୃତକଙ୍କ ଡିଏନଏ ସହିତ ତାଙ୍କ ବାପା, ମା'ଙ୍କ ଡିଏନଏ ମେଳ କରିବା ପାଇଁ ସାଧାରଣ ଡିଏନଏ ପ୍ରୋଫାଇଲିଂ କୌଶଳ ବ୍ୟବହାର କରାଯାଏ। ଯାହାକି ପୂର୍ବରୁ ରସୁଲଗଡ଼ରେ ଥିଲା। କିନ୍ତୁ ଏବେ ଆସିଥିବା ନେକ୍ସଟ ଜେନେରେସନ ସିକ୍ୱେସିଂ ଯନ୍ତ୍ରାଂଶ ଭିନ୍ନ ଧରଣର। ଯଦି ଜଣେ ମୃତକଙ୍କର କେହି ଅଭିଭାବକ ନାହାନ୍ତି, କିନ୍ତୁ ତାଙ୍କର ଭାଇ ଭଉଣୀ ଅଛନ୍ତି, ସେ କ୍ଷେତ୍ରରେ ଏହି ଏନଜିଏସ ଯନ୍ତ୍ରାଂଶ ମାଧ୍ୟମରେ ଡିଏନଏ ପରୀକ୍ଷା କରାଯାଏ।

ସେହିଭଳି ବ୍ରେନ ମ୍ୟାପିଂ ବ୍ୟବସ୍ଥାରେ ପରୀକ୍ଷା ସମୟରେ ଅଭିଯୁକ୍ତଙ୍କୁ ପ୍ରଶ୍ନ ପଚରା ଯାଏନି କି ତାଙ୍କୁ ଅଚେତ କରାଯାଏନି। ପଲିଗ୍ରାଫରେ ଧୋକା ଦେବାର ସମ୍ଭାବନା ରହିଛି । ନାର୍କୋ ଟେଷ୍ଟରେ ଜୀବନ ପ୍ରତି ବିପଦ ରହିଥାଏ । କିନ୍ତୁ ବ୍ରେନ ମ୍ୟାପିଂରେ ସେଭଳି ହେବାର ନାହିଁ। ଭାରତରେ ୨୦୦୫ରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିବା କୁହାଯାଏ । ବ୍ରେନ ମ୍ୟାପିଂ ସମୟରେ ଅଭିଯୁକ୍ତଙ୍କୁ ଅପରାଧ ସମ୍ପର୍କିତ ଫଟୋ, ଭିଡ଼ିଓ କିମ୍ବା ଅପରାଧ ସହିତ ସମ୍ପର୍କ ରଖୁଥିବା ଧ୍ୱନି ଶୁଣାଯାଇଥାଏ । ଅଭିଯୁକ୍ତଙ୍କ ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ହେଲମେଟ ପିନ୍ଧାଯାଏ । ଏଥିରେ ୩୨ଟି ତା'ର ଲାଗିଥାଏ । ଏହାରି ମାଧ୍ୟମରେ ବ୍ରେନ ୱେଭକୁ ଜଣେ ଡାକ୍ତର ଅନୁଧ୍ୟାନ କରିଥାନ୍ତି। ଏଥିପାଇଁ ଡେଲ୍ଟା, ଥିଟା, ଆଲଫା, ବିଟା ଭଳି ଚାରି ପ୍ରକାର ତରଙ୍ଗ ବ୍ୟବହାର କରାଯାଏ। ଏଥିପାଇଁ ଇଲେକ୍ଟ୍ରୋଏନସେଫାଲୋଗ୍ରାମର ବ୍ୟବହାର କରାଯାଏ ।

ଅଭିଯୁକ୍ତ ଜଣକ ଅପରାଧ ସମ୍ପର୍କରେ ଏହି ସମୟରେ କ'ଣ ଭାବୁଛି, ଏହାକୁ ନେଇ ଅପରାଧୀର ମାନସିକ ସ୍ଥିତିକୁ ଅନୁଧ୍ୟାନ କରାଯାଇଥାଏ । ଯଦି ଅଭିଯୁକ୍ତ ଜଣକ ନିର୍ଦ୍ଦୋଷ ତେବେ ଏହି ଫଟେ, ଭିଡ଼ିଓ ଓ ଧ୍ୱନିକୁ ଚିହ୍ନି ପାରିନଥାଏ । କିନ୍ତୁ ଅଭିଯୁକ୍ତ ଜଣକ ପ୍ରକୃତରେ ଏହି ମାନସିକ ସ୍ତରରେ ଏହାର ପରିବର୍ତ୍ତନ ହୋଇଥାଏ। ଏହି ପରିବର୍ତ୍ତନକୁ ହିଁ ବ୍ରେନ ମ୍ୟାପିଂରେ ଠାବ କରାଯାଇଥାଏ। ହାଇପ୍ରୋଫାଇଲ ହତ୍ୟାକାଣ୍ଡ କିମ୍ବା ଆପରାଧିକ କାର୍ଯ୍ୟକଳାପରେ ସନ୍ଦିଗ୍ଧ କିମ୍ବା ଗିରଫ ଅଭିଯୁକ୍ତଙ୍କ ଏହି ବ୍ରେନ ମ୍ୟାପିଂ କରାଯାଇଥାଏ । ଏହି ଅତ୍ୟାଧୁନିକ ବ୍ୟବସ୍ଥା ଏଣିକି ଓଡ଼ିଶା ପୁଲିସରେ ତଦନ୍ତକାରୀ ଅଧିକାରୀଙ୍କ ପାଇଁ ସହାୟକ ହେବ ବୋଲି କୁହାଯାଉଛି। ଓଡ଼ିଶା ପୁଲିସ ପାଇଁ ଓଡ଼ିଶାରେ ହିଁ ଏହି ବ୍ୟବସ୍ଥା ଆପଣାଇବା ଦ୍ୱାରା ସମୟ ନଷ୍ଟ ହେବନାହିଁ ଏବଂ ସେହିପରି ଅର୍ଥ ନଷ୍ଟ ସହିତ ଯିବା ଆସିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରିବାକୁ ପଡ଼ିବ ନାହିଁ । ଯାହାଦ୍ୱାରା ଖୁବ କମ ଦିନ ଭିତରେ ବ୍ରେନ ମ୍ୟାପିଂ ଓ ଡିଏନଏ ପରୀକ୍ଷା ରିପୋର୍ଟ ମାନ୍ୟବର ନ୍ୟାୟାଳୟଙ୍କ ପାଖରେ ପହଞ୍ଚି ପାରିବ। ଏ କ୍ଷେତ୍ରରେ ଦଣ୍ଡବିଧାନ ବ୍ୟବସ୍ଥା ଓ ନ୍ୟାୟ ପ୍ରକ୍ରିୟାକରଣ ବ୍ୟବସ୍ଥା ମଧ୍ୟ ତ୍ୱରାନ୍ୱିତ ହୋଇପାରିବ ।


ମୋ. ୯୪୩୭୧୬୩୫୨୮,


## ପୂର୍ବରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ଏ ଅବସ୍ଥା ହୋଇନଥାନ୍ତା


ସତ କହିବାକୁ କିଆଁ ଡରିବି

ଅମ୍ବିକା ପ୍ରସାଦ ଦାସ

ରାଜ୍ୟର ଅନ୍ୟ ଅଞ୍ଚଳ ତ ଭିନ୍ନ କଥା, ଖୋଦ୍ ରାଜଧାନୀରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନେ ରହୁଥିବା ଇଲାକାରେ ମୁଖ୍ୟମନ୍ତ୍ରୀଙ୍କ ଅଧୀନସ୍ଥ ସାଧାରଣ ପ୍ରଶାସନ ବିଭାଗର ପ୍ରାୟ ୫ଶହ ଏକର ମୂଲ୍ୟବାନ ଜମି ଚାଲିଯାଇଛି ଜବରଦଖଲକାରୀଙ୍କ କବ୍‌ଜାକୁ । ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ସେସବୁକୁ ବିଭାଗ ପାଖକୁ ଫେରାଇ ଆଣିବା ପରିବର୍ତ୍ତେ କେବଳ ମାମଲା ରୁଜୁ କରି କାମ ସାରିଦେଉଛନ୍ତି ଅଧିକାରୀମାନେ । ଏହିପରି ମାମଲାର ସଂଖ୍ୟା ୧୦ ହଜାରରୁ ଅଧିକ ।

ମହାଶୟ,

କଥାରେ ଅଛି, ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ? ସମସ୍ତେ ସବୁ ଦେଖୁଛନ୍ତି, ଜାଣୁଛନ୍ତି କିନ୍ତୁ ନ ଦେଖିବାର ଓ ନ ଜାଣିବାର ବାହାନା କରୁଛନ୍ତି । ଆମ ଦେଶରେ ବହୁତ ଭଲ ଭଲ ଆଇନ ଅଛି । ତାହା ସଠିକ ରୂପେ କାର୍ଯ୍ୟକାରୀ ହେଲେ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା ହେବାପାଇଁ ବିଳମ୍ବ ହୁଅନ୍ତା ନାହିଁ । ସବୁଠାରୁ ବଡ ସମସ୍ୟା ହେଲା, ଆମ ଉପରେ ଚାପ ପଡ଼ିଲେ ଆମର ନିଦ ଭାଙ୍ଗେ । କିନ୍ତୁ ଏହି ଚାପ ଦେବା ଲୋକଟି ବି ଯଦି ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣକୁ ଦୃଷ୍ଟିରେ ରଖି ନିଜ ଦାୟିତ୍ୱ ତୁଲାଇବାରେ ଅବହେଳା କରେ ତା'ହେଲେ ଦୋଷ ଦେବା କାହାକୁ? ଲୋକେ ଅଭିଯୋଗ କରୁଛନ୍ତି, କିନ୍ତୁ ଅଭିଯୋଗର କାରଣ ଜାଣି ତାହାର ସମାଧାନ କରିବାର ସାମର୍ଥ୍ୟ ବା ମନୋବୃତ୍ତି ଯଦି ପ୍ରଶାସନର ନାହିଁ ତା'ହେଲେ ଏପରି ପ୍ରଶାସନ ଥାଇ କେତେ, ନ ଥାଇ କେତେ?

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

ମହାଶୟ,

ସରକାରଙ୍କ ଆନ୍ତରିକତା ନାହିଁ । ସତକଥା ନିର୍ଭୀକ ଭାବରେ ପ୍ରକାଶ କରିଥିବାରୁ ଧନ୍ୟବାଦ ।

**ନିର୍ମଳ ଚନ୍ଦ୍ର ସାମଲ**, ଭୁବନେଶ୍ୱର

ମହାଶୟ,

ବହୁତ ଭଲ ଲେଖା... ଚପ୍ରଶାସନିକ ତ୍ରୁଟି ପ୍ରକାଶ କରୁଛି ।

**ବନଲତା ମହାପାତ୍ର**, ଭୁବନେଶ୍ୱର

ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ


ଭୁବନେଶ୍ୱର ୧୭ ନଭେମ୍ବର ୨୦୨୫ ସୋମବାର ପୃଷ୍ଠା ୫

# ଅନନ୍ୟ ସୂର୍ଯ୍ୟମନ୍ଦିର


**ସୂର୍ଯ୍ୟ ସକଳ ଶକ୍ତିର ଆଧାର । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ସେ ଏକମାତ୍ର ପ୍ରତ୍ୟକ୍ଷ ଦେବତା । ଅନ୍ୟ ଦେବତାମାନଙ୍କୁ ଆମେ ମୂର୍ତ୍ତି, ଫଟୋ ମାଧ୍ୟମରେ ଦେଖୁ । କିନ୍ତୁ ସୂର୍ଯ୍ୟଦେବତା ସବୁଦିନ ଉଦୟ ହୁଅନ୍ତି ଓ ଅସ୍ତ ଯା'ନ୍ତି । ଭାରତର ଅନେକ ରାଜା ମହାରାଜା ସୂର୍ଯ୍ୟଙ୍କ ସମ୍ମାନରେ ମନ୍ଦିର କରାଇଛନ୍ତି । ଏସବୁ ସ୍ଥାପତ୍ୟ ଅନ୍ୟ ମନ୍ଦିରଠାରୁ ଭିନ୍ନ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା ଭାରତର ବିଭିନ୍ନ ସୂର୍ଯ୍ୟ ମନ୍ଦିରକୁ ।**

## ମୋଢ଼େରା ସୂର୍ଯ୍ୟ ମନ୍ଦିର

ଏହି ମନ୍ଦିର ରହିଛି ଗୁଜରାଟର ପାଟନ ନାମକ ସ୍ଥାନରୁ ୩୦ କିଲୋମିଟର ଦକ୍ଷିଣରେ, ମୋଢ଼େରା ଗାଁରେ । ଗୁଜରାଟର ରାଜଧାନୀ ଅହମ୍ମଦାବାଦଠାରୁ ୧୦୦ କିଲୋମିଟର ଦୂରରେ ରହିଛି ଏହି ମନ୍ଦିର । ସମ୍ରାଟ ଭୀମଦେବ ସୋଲାଙ୍କି ପ୍ରଥମ ଏହି ମନ୍ଦିର ନିର୍ମାଣ କରାଯାଇଥିଲେ । ଏ ସମ୍ପର୍କରେ ମନ୍ଦିରର ଶିଳାଲେଖରେ ଉଲ୍ଲେଖ ରହିଛି । ସୋଲାଙ୍କି ରାଜବଂଶ ସୂର୍ଯ୍ୟବଂଶୀ ଥିଲେ ଏବଂ ସୂର୍ଯ୍ୟଙ୍କୁ କୁଳଦେବତା ଭାବରେ ପୂଜା କରୁଥିଲେ । ତେଣୁ ସେ ନିଜ ଆରାଧ୍ୟ ଦେବତାଙ୍କ ପାଇଁ ଏକ ସୁନ୍ଦର ମନ୍ଦିର ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ । ଏହି କାରଣରୁ ମୋଢ଼େରା ସୂର୍ଯ୍ୟ ମନ୍ଦିର ନିର୍ମାଣ ହୋଇଥିଲା । ଏହି ମନ୍ଦିର



ଅନନ୍ୟ ସ୍ଥାପତ୍ୟ ଏବଂ ଶିଳ୍ପ କଳାର ଉଦାହରଣ । ଏହି ମନ୍ଦିରର ପଥର ଜୋଡେଇରେ ଚୂନର ପ୍ରୟୋଗ କରାଯାଇନାହିଁ । ଇରାନୀ ଶୈଳୀରେ ନିର୍ମିତ ଏହି ମନ୍ଦିରକୁ ସମ୍ରାଟ ଭୀମଦେବ ସୋଲାଙ୍କି ୧୦୨୬ ଖ୍ରୀଷ୍ଟାବ୍ଦରେ ଦୁଇଟି ଅଂଶରେ ନିର୍ମାଣ କରାଇଥିଲେ । ଏହାର ପ୍ରଥମ ଅଂଶ ଗର୍ଭଗୃହ ଏବଂ ଦ୍ୱିତୀୟ ଅଂଶ ସଭା ମଣ୍ଡପ । ଗର୍ଭଗୃହର ଲମ୍ବା ୫୧ଫୁଟ୍ ୯ଇଞ୍ଚ ଏବଂ ଚଉଡ଼ା ୨୫ଫୁଟ୍ ୮ ଇଞ୍ଚ । ମନ୍ଦିରର ସଭାମଣ୍ଡପରେ ୫୨ଟି ସ୍ତମ୍ଭ ରହିଛି । ପ୍ରତିଟି ସ୍ତମ୍ଭରେ ଭିନ୍ନ ଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଖୋଦେଇ ହେବା ସହ ରାମାୟଣ ଏବଂ ମହାଭାରତର ବିଭିନ୍ନ ପ୍ରସଙ୍ଗଗୁଡ଼ିକ ସୂକ୍ଷ୍ମ କାରୁକାର୍ଯ୍ୟରେ ଦର୍ଶାଯାଇଛି । ଏହି ସ୍ତମ୍ଭଗୁଡ଼ିକୁ ତଳୁ ଦେଖିଲେ ଏହା ଅଷ୍ଟଭୂଜ ଏବଂ ଉପରୁ ଦେଖିଲେ ଏହା ଗୋଲାକାର ମନେହୁଏ । ମନ୍ଦିରର ନିର୍ମାଣ ଏପରି ଶୈଳୀରେ କରାଯାଇଛି ଯେ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ଗର୍ଭଗୃହକୁ ଆଲୋକିତ କରିଥାଏ । ସଭାମଣ୍ଡପ ଆଗରେ ଏକ ବିଶାଳ କୁଣ୍ଡ ରହିଛି । ଯାହାକୁ ସୂର୍ଯ୍ୟକୁଣ୍ଡ କିମ୍ବା ରାମକୁଣ୍ଡ କୁହାଯାଏ । ଏହି ମନ୍ଦିର ଉପରେ ସମୟକ୍ରମେ ବିଭିନ୍ନ ବିଦେଶୀ ଆକ୍ରମଣକାରୀମାନେ ଆକ୍ରମଣ କରିଛନ୍ତି । ଆଲାଉଦ୍ଦିନ୍ ଖିଲ୍‌ଜୀଙ୍କ ଆକ୍ରମଣ ସମୟରେ ମନ୍ଦିରର ଅନେକ ଅଂଶ ନଷ୍ଟ ହୋଇଥିଲା । ତାଙ୍କ ସୈନ୍ୟମାନେ ମନ୍ଦିରର ମୂର୍ତ୍ତିଗୁଡ଼ିକୁ ଭଙ୍ଗାରୁଜା କରିଥିଲେ । ମନ୍ଦିର ଏବଂ ମୂର୍ତ୍ତିଗୁଡ଼ିକ ଭାଙ୍ଗିରୁଜି ଯାଇଥିବାରୁ ସେବେଠାରୁ ଏହି ମନ୍ଦିରରେ କୌଣସି ପୂଜାର୍ଚ୍ଚନା ହୁଏନାହିଁ । ବର୍ତ୍ତମାନ ଭାରତୀୟ ପତ୍ନତତ୍ତ୍ୱ ବିଭାଗ ମନ୍ଦିରର ତତ୍ତ୍ୱାବଧାନ ଦାୟିତ୍ୱରେ ରହିଛି ।



ମୋଢ଼େରା ମନ୍ଦିର ସମ୍ପର୍କରେ ବିଭିନ୍ନ ପୁରାଣରେ ଉଲ୍ଲେଖ ରହିଛି । ସ୍କନ୍ଦପୁରାଣ ଏବଂ ବ୍ରହ୍ମପୁରାଣରେ କୁହାଯାଇଛି ପ୍ରାଚୀନ କାଳରେ ମୋଢ଼େରା ଆଖପାଖ ଅଞ୍ଚଳର ସମଗ୍ର କ୍ଷେତ୍ରକୁ ଧର୍ମାରଣ୍ୟ କୁହାଯାଉଥିଲା । ଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ରାବଣକୁ ସଂହାର କରିବା ପରେ ଭଗବାନ ଶ୍ରୀରାମ ବ୍ରହ୍ମହତ୍ୟା ପାପରୁ ମୁକ୍ତି ପାଇଁ ଆତ୍ମଶୁଦ୍ଧି କରିବା ନିମନ୍ତେ ଏକ ସ୍ଥାନର ସନ୍ଧାନ ଦେବାକୁ ଗୁରୁ ବଶିଷ୍ଠଙ୍କୁ ଅନୁରୋଧ କରିଥିଲେ । ମହର୍ଷି ବଶିଷ୍ଠ ଶ୍ରୀରାମଙ୍କୁ ଏହି ସ୍ଥାନରେ ପ୍ରାୟଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ ।

## କୋଣାର୍କ ସୂର୍ଯ୍ୟ ମନ୍ଦିର

ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ରହିଛି ଆମ ରାଜ୍ୟର କୋଣାର୍କରେ । ସୂର୍ଯ୍ୟ ଦେବତାଙ୍କୁ ସମର୍ପିତ ଏହି ମନ୍ଦିର ରଥ ଆକାରରେ ନିର୍ମାଣ କରାଯାଇଛି । ଏହି ମନ୍ଦିର ଭାରତର ମଧ୍ୟଯୁଗୀୟ ବାସ୍ତୁକଳାର ଅନନ୍ୟ ଉଦାହରଣ । ତ୍ରୟୋଦଶ ଶତାବ୍ଦୀରେ ରାଜା ନରସିଂହ ଦେବ ଏହି ମନ୍ଦିର ନିର୍ମାଣ କରାଇଥିଲେ । ହିନ୍ଦୁ ମାନ୍ୟତା ଅନୁସାରେ ସୂର୍ଯ୍ୟ ଦେବତାଙ୍କ ରଥରେ ୧୨ଯୋଡ଼ା ଚକ ରହିଛି । ରଥକୁ ଟାଣିବା ପାଇଁ ୭ଟି ଘୋଡ଼ା ଯୋଚା ଯାଇଛି । ଠିକ୍ ଏହି ବିଶ୍ୱାସକୁ ଆଧାର କରି କୋଣାର୍କ ମନ୍ଦିର ନିର୍ମିତ ହୋଇଛି । ଏହି ମନ୍ଦିରର କାରୁକାର୍ଯ୍ୟ ନିଜର ସୂକ୍ଷ୍ମତା ପାଇଁ ବିଶ୍ୱପ୍ରସିଦ୍ଧ । ଏହାକୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଆସନ୍ତି । ଏକଦା ଏହି ମନ୍ଦିରରେ ସୂର୍ଯ୍ୟଙ୍କ ପ୍ରତିମା ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏହି ପ୍ରତିମା ପୁରୀ ଜଗନ୍ନାଥ ମନ୍ଦିରରେ ସୁରକ୍ଷିତ ରଖାଯାଇଛି । ତେଣୁ ବର୍ତ୍ତମାନ ଏଠାରେ କୌଣସି ଦେବମୂର୍ତ୍ତି ପୂଜା ପାଉନାହାନ୍ତି । ଏହି ସୂର୍ଯ୍ୟ ମନ୍ଦିର ସମୟର ଗତିକୁ ଦର୍ଶାଏ । ମନ୍ଦିରର ୭ଟି ଘୋଡ଼ା ୭ଦିନର ପ୍ରତୀକ, ୧୨ଯୋଡ଼ା ଚକ ଦିନରାତିର ୨୪ଘଣ୍ଟାକୁ ଦର୍ଶାଏ । ପ୍ରତି ଚକରେ ଥିବା ଆଠଟି ଅର ଦିନର ୮ ପ୍ରହରର ପ୍ରତୀକ । କେତେଜଣ କହନ୍ତି ୧୨ଯୋଡ଼ା ଚକ ୧୨ମାସର ପ୍ରତୀକ । ବିଦେଶୀ ଆକ୍ରମଣ ଏବଂ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମନ୍ଦିର ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି । ସେ ସମୟରେ ଓଡ଼ିଶାରେ ଅବସ୍ଥାପିତ ବ୍ରିଟିଶ ଗଭର୍ଣ୍ଣର ଜନ୍ ଉଡ୍‌ବର୍ଣ୍ଣ ୧୯୦୧ ମସିହାରେ ଜଗମୋହନ ମଣ୍ଡପର ଚାରି ପାର୍ଶ୍ୱରେ ଥିବା ଚାରୋଟି ଦ୍ୱାରରେ କାନ୍ଥ ନିର୍ମାଣ କରି ଏହା ଭିତରକୁ ବାଲିରେ ଭର୍ତ୍ତି କରିଦେଇଥିଲେ । ଯଦ୍ୱାରା ଏହି ମନ୍ଦିର ନଷ୍ଟ ନହୋଇ ରହିପାରିବ । ଏହି କାମ ପୂର୍ଣ୍ଣ ହେବାକୁ ୩ବର୍ଷ ସମୟ ଲାଗିଥିଲା । ୧୯୦୩ ମସିହାରେ ବାଲି ଭର୍ତ୍ତି କରିବା କାମ ସଂପୂର୍ଣ୍ଣ ହୋଇଥିଲା । ଏଠାକୁ ଆସୁଥିବା ଅଧିକାଂଶ ପର୍ଯ୍ୟଟକ ଜାଣନ୍ତି ନାହିଁ ମନ୍ଦିରର ମୁଖ୍ୟ ଅଂଶ ଜଗମୋହନ ମଣ୍ଡପ ବନ୍ଦ କରାଯାଇଛି । ଏହାର ଅନେକ ବର୍ଷ ପରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ମନ୍ଦିରରେ ଭିତର ଅଂଶକୁ ଦେଖିବା ଜରୁରୀ ବୋଲି ମତ ଦେବା ସହ ବାଲି ବାହାର କରିବା ବିଷୟରେ ଯୋଜନା କରିଥିଲେ । ଏବେ ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କର ଏକ ଟିମ୍ ଏଣ୍ଡୋସ୍କୋପି ଦ୍ୱାରା ମନ୍ଦିରର ଭିତରର ଫଟୋ ନେବା ସହ ଭିଡିଓ ପ୍ରସ୍ତୁତ କରିଛନ୍ତି । ଏହି ଫଟୋ ଏବଂ ଭିଡିଓ ଅଧ୍ୟୟନ କରାଯିବା ପରେ ଜଗମୋହନରୁ ବାଲି କାଢ଼ିବା ସମ୍ପର୍କରେ ଯୋଜନା କରାଗଲା । ଜଗମୋହନର କେଉଁ ଅଂଶ ଦୁର୍ବଳ ଅଛି ଏବଂ କେଉଁ ଅଂଶ ମଜଭୁତ ରହିଛି ତାହାର ଯାଞ୍ଚ କରାଯାଉଛି । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଲେଖିଥିଲେ କୋଣାର୍କରେ ପଥରର ଭାଷା ମନୁଷ୍ୟର ଭାଷାଠାରୁ ଶ୍ରେଷ୍ଠ । ସୂର୍ଯ୍ୟ ମନ୍ଦିରର କର୍ତ୍ତୃପକ୍ଷଙ୍କ ଅନୁଯାୟୀ ପ୍ରତିଦିନ କୋଣାର୍କକୁ ପ୍ରାୟ








୧୦ହଜାର ପର୍ଯ୍ୟଟକ ଆସୁଛନ୍ତି । ପର୍ଯ୍ୟଟନ ଋତୁରେ ଏହି ସଂଖ୍ୟା ୨୫ହଜାର ପର୍ଯ୍ୟନ୍ତ ପହଞ୍ଚିଯାଏ ।

## ମାର୍ତ୍ତଣ୍ଡ ସୂର୍ଯ୍ୟ ମନ୍ଦିର

ଜମ୍ମୁ-କାଶ୍ମୀର ରାଜ୍ୟର ପହଲଗାମ୍ ନିକଟରେ ଅନନ୍ତନାଗଠାରେ ମାର୍ତ୍ତଣ୍ଡ ସୂର୍ଯ୍ୟମନ୍ଦିର ରହିଛି । ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ସୂର୍ଯ୍ୟବଂଶର ରାଜା ଲଳିତାଦିତ୍ୟ ତତ୍କାଳୀନ ଛୋଟ ସହର ଅନନ୍ତନାଗ ନିକଟରେ କରାଇଥିଲେ । ଏହି ମନ୍ଦିରରେ ୮୪ଟି ସ୍ତମ୍ଭ ରହିଛି ।





ରାଜକୀୟ ବାସ୍ତୁକଳା ଏହାକୁ ଅନନ୍ୟ କରିଛି । ବରଫରେ ଢାଙ୍କି ହୋଇଥିବା ପର୍ବତର ପୃଷ୍ଠଭୂମିରେ ଏହି ମନ୍ଦିରକୁ ଅଧିକ ଆକର୍ଷଣୀୟ କରିଥାଏ । ଏହି ମନ୍ଦିରକୁ କାଶ୍ମୀର ଉପତ୍ୟକାର ଅନ୍ୟତମ ମନୋରମ ସ୍ଥାନ ଭାବରେ ବିବେଚନା କରାଯାଏ ।

ମାର୍ତ୍ତଣ୍ଡ ସୂର୍ଯ୍ୟ ମନ୍ଦିର ନିର୍ମାଣରେ ଚୂନ ପଥରର ଚାରିକଣିଆ ଇଟା ଉପଯୋଗ କରାଯାଇଛି । ଏହା ସେହି ସମୟର କଳାକାରମାନଙ୍କର କୁଶଳତା ଦର୍ଶାଏ । କିମ୍ବଦନ୍ତୀ ଅନୁଯାୟୀ ସୂର୍ଯ୍ୟଙ୍କର ପ୍ରଥମ କିରଣ ମନ୍ଦିରରେ ପଡ଼ିବା ପରେ ରାଜା ସୂର୍ଯ୍ୟପୂଜା ଏବଂ ମନ୍ଦିରର ଚାରି ପାର୍ଶ୍ୱରେ ଥିବା ଦେବଦେବୀଙ୍କ ପୂଜା କରି ଦିନ ଆରମ୍ଭ କରୁଥିଲେ । ବର୍ତ୍ତମାନ ଏହି ମନ୍ଦିର ଭାଙ୍ଗିରୁଜି ଯାଇଛି । ମାତ୍ର ୨୦ଫୁଟ ଉଚ୍ଚତାର ଅବସେସ ରହିଛି । ମନ୍ଦିରରେ ସେ ସମୟରେ ବ୍ୟବହୃତ ହେଉଥିବା ପାତ୍ରଗୁଡ଼ିକ ଆଜିପର୍ଯ୍ୟନ୍ତ ସଂରକ୍ଷିତ ରହିଛି ।

## ବେଲାଉର୍ ସୂର୍ଯ୍ୟ ମନ୍ଦିର

ବିହାରର ଭୋଜପୁର ଜିଲ୍ଲାର ବେଲାଉର୍ ଗ୍ରାମର ଦକ୍ଷିଣ ପଶ୍ଚିମରେ ବେଲାଉର୍ ସୂର୍ଯ୍ୟ ମନ୍ଦିର ରହିଛି । ଏ ମନ୍ଦିର ଖୁବ୍ ପ୍ରାଚୀନ । ବିହାରର ତତ୍କାଳୀନ ମହାରାଜା ସୁବାଙ୍କ ଦ୍ୱାରା ଏହି ମନ୍ଦିର ନିର୍ମିତ ହୋଇଥିଲା । ବେଲାଉର୍ ଗାଁରେ ରାଜାଙ୍କ ଦ୍ୱାରା ୫୨ଟି ପୋଖରୀ ଖୋଳାଯାଇଥିଲା । ଏହି ପୋଖରୀ ମଧ୍ୟରୁ ଗୋଟିଏ ପୋଖରୀ ମଝିରେ ସୂର୍ଯ୍ୟ ମନ୍ଦିର ରହିଛି । ଛଟ୍ ପର୍ବ ସମୟରେ ପ୍ରତିବର୍ଷ ଏଠାରେ ବିହାର, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏକତ୍ରିତ ହୁଅନ୍ତ । ବିଶ୍ୱାସ କରାଯାଏ ପବିତ୍ର ମନରେ ଏଠାରେ ଛଟ୍ ବ୍ରତ କଲେ ସବୁ ମନସ୍କାମନା ପୂର୍ଣ୍ଣ ହୁଏ ।

## ଝାଲରାପାଟଣା ସୂର୍ଯ୍ୟ ମନ୍ଦିର

ଝାଲାବାଡ଼ର ଯମଜ ସହର ଝାଲରାପାଟଣା । ସହରର ମଧ୍ୟସ୍ଥଳରେ ରହିଛି ଏକ ସୂର୍ଯ୍ୟମନ୍ଦିର । ଯାହାକି ସହରର ଅନ୍ୟତମ ଆକର୍ଷଣ । ବାସ୍ତୁକଳା ଦୃଷ୍ଟିରୁ ଏହା ଅନନ୍ୟ । ଦଶମ ଶତାବ୍ଦୀରେ ମାଲୱାର ପରମାର ବଂଶି ରାଜାମାନେ ଏହାର ନିର୍ମାଣ କରାଇଥିଲେ । ମନ୍ଦିରର ଗର୍ଭଗୃହରେ ସୂର୍ଯ୍ୟନାରାୟଣଙ୍କ ପ୍ରତିମା ରହିଛି ।


## ଔଙ୍ଗାରୀ ସୂର୍ଯ୍ୟ ମନ୍ଦିର

ନାଳନ୍ଦାର ପ୍ରସିଦ୍ଧ ସୂର୍ଯ୍ୟଧାମ ଔଙ୍ଗାରୀ-ବଡଗାଁରେ ସୂର୍ଯ୍ୟମନ୍ଦିର ସାରା ବିଶ୍ୱରେ ପ୍ରସିଦ୍ଧ । ବିଶ୍ୱାସ କରାଯାଏ ମନ୍ଦିରର ପୁଷ୍କରିଣୀରେ ସ୍ନାନ କରି ମନ୍ଦିରରେ ପୂଜା କଲେ କୁଷ୍ଠରୋଗ ସମେତ ଅନେକ ଅସାଧ ରୋଗରୁ ମୁକ୍ତିମିଳେ । ବିହାରର ବହୁସଂଖ୍ୟକ ଶ୍ରଦ୍ଧାଳୁ ଛଟ୍‌ବ୍ରତ ପାଇଁ ଏଠାକୁ ଆସନ୍ତି । ସାରା ଭାରତ ଓ ନେପାଳରୁ ମଧ୍ୟ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏଠାକୁ ଆସନ୍ତି । ଚାରି ଦିବସୀୟ ଛଟ୍‌ପର୍ବ ସମୟରେ ଶ୍ରଦ୍ଧାଳୁମାନେ ଏଠାରେ ଶିବିର ପକାଇ ରୁହନ୍ତି । ବିଶ୍ୱାସ କରାଯାଏ ଭଗବାନ କୃଷ୍ଣଙ୍କ ପୁତ୍ର ଶାମ୍ବ ଋଷି ଅଭିଶାପରୁ କୁଷ୍ଠବ୍ୟାଧି ଗ୍ରସ୍ତ ହୋଇଥିଲେ । ଏହି ରୋଗରୁ ମୁକ୍ତି ପାଇଁ ସେ ସୂର୍ଯ୍ୟପୂଜା କରିଥିଲେ । ରୋଗରୁ ଆରୋଗ୍ୟ ହେବା ପରେ ସେ ସୂର୍ଯ୍ୟଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ୧୨ଟି ସ୍ଥାନରେ ସୂର୍ଯ୍ୟମନ୍ଦିର ସ୍ଥାପନ କରିଥିଲେ । ଏହି ମନ୍ଦିର ମଧ୍ୟରୁ ଔଙ୍ଗାରି ଅନ୍ୟତମ ।

## ଉନ୍ନାଓ ସୂର୍ଯ୍ୟମନ୍ଦିର

ମଧ୍ୟପ୍ରଦେଶର ଉନ୍ନାଓଠାରେ ଅଛି ବ୍ରାହ୍ମଣ୍ୟ ଦେବ ମନ୍ଦିର । ଏଠାରେ ସୂର୍ଯ୍ୟଦେବଙ୍କ ପ୍ରତିମା ଧାତବ ଆବରଣ ଥିବା ଇଟା ମଣ୍ଡପ ଉପରେ ସ୍ଥାପିତ ମନ୍ଦିର ଗାତ୍ରରେ ସୂର୍ଯ୍ୟଙ୍କ ୨୧ କଳାର ପ୍ରତୀକ ଭାବରେ ୨୧ଟି ତ୍ରିଭୁଜ ରହିଛି । ଗ୍ୱାଲିଅର୍ ଠାରୁ ୬୯କି.ମି. ଦୂରରେ ଝାନ୍‌ସି ନିକଟରେ ଥିବା ଏହି ମନ୍ଦିର ବାରମଜ୍ଜୁ ମନ୍ଦିର ନାମରେ ମଧ ଖ୍ୟାତ । ପେଶୱା ଓ ଦତିଆର ଶାସକମାନେ ଏହି ମନ୍ଦିରର ରକ୍ଷଣାବେକ୍ଷଣ କରୁଥିଲେ । ମନ୍ଦିରରେ ବ୍ରାହ୍ମଣ୍ୟ ଦେବଙ୍କ ପ୍ରତିମାକୁ ତମ୍ବା ଆଚ୍ଛାଦନ କରାଯାଇଛି । ଲୋକବିଶ୍ୱାସ ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା କରି ଲୋକମାନେ ଦୃଷ୍ଟିହୀନତା, କୁଷ୍ଠ ଓ ଅନ୍ୟାନ୍ୟ ଚର୍ମରୋଗରୁ ମୁକ୍ତି ପାଆନ୍ତି । ଏଠାରେ ବର୍ଷସାରା ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଥାଏ । ତେବେ ରବିବାର ଏଠାରେ ବିଶେଷ ପୂଜାର ଦିନ ।

## ରଣକପୁର ସୂର୍ଯ୍ୟ ମନ୍ଦିର





ରାଜସ୍ଥାନର ରଣକପୁରଠାରେ ଅବସ୍ଥିତ ଏହି ସୂର୍ଯ୍ୟମନ୍ଦିର ନାଗରଶୈଳୀରେ ଧଳା ମାର୍ବଲ ପଥରରେ ନିର୍ମିତ । ଉଦୟପୁରଠାରୁ ୯୮କି.ମି. ଦୂରରେ ଥିବା ଏହି ସୂର୍ଯ୍ୟମନ୍ଦିରକୁ ଜୈନମାନେ ନିର୍ମାଣ କରାଇଥିଲେ । ଏହା ଭାରତୀୟ ସ୍ଥାପତ୍ୟର ଅନନ୍ୟ ନମୁନା ।

## ରାଞ୍ଚି ସୂର୍ଯ୍ୟ ମନ୍ଦିର

ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିଠାରୁ ୩୯ କିଲୋମିଟର ଦୂରରେ ରାଞ୍ଚି-ଟାଟା ରାସ୍ତାରେ ବୁଣ୍ଡୁ ନିକଟରେ ଏହି ସୂର୍ଯ୍ୟମନ୍ଦିର ଅଛି । ମନ୍ଦିରର ନିର୍ମାଣଶୈଳୀ ରଥପରି । ତେବେ ଏହି ରଥରେ ୧୮ଟି ଚକ ଓ ୭ଟି ଘୋଡ଼ା ଅଛନ୍ତି । ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ଏଠାରେ ଏକ ବିଶେଷ ମେଳାର ଆୟୋଜନ ହୁଏ ।

## ସୂର୍ଯ୍ୟନାର କୋଭିଲ୍ ସୂର୍ଯ୍ୟ ମନ୍ଦିର

ତାମିଲନାଡୁର କୁମ୍ଭାକୋନମ୍ ସହର ନିକଟବର୍ତ୍ତୀ ସୂର୍ଯ୍ୟଡ଼ାର୍ କୋଭିଲ୍ ଗ୍ରାମରେ ଅଛି ଏକ ଅନନ୍ୟ ସୂର୍ଯ୍ୟ ମନ୍ଦିର । ଏଠାରେ ଭଗବାନ ସୂର୍ଯ୍ୟଙ୍କ ସହ ତାଙ୍କ ସଙ୍ଗିନୀ ଉଷା ଦେବୀ ଓ ପ୍ରତ୍ୟୁଷା ଦେବୀ ପୂଜା ପାଆନ୍ତି ମନ୍ଦିରର ଗର୍ଭଗୃହରେ । ମନ୍ଦିରରେ ଅନ୍ୟ ଆଠ ଗ୍ରହଙ୍କର ମନ୍ଦିର ମଧ ଅଛି । ତାମିଲନାଡୁରେ ଥିବା ୯ଟି ନବଗ୍ରହ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ । ତେବେ ସବୁ ମନ୍ଦିରରେ ନବଗ୍ରହ ଏକାଠି ପୂଜା ପାଉଥିବା ବେଳେ ଏଠାରେ ନବଗ୍ରହଙ୍କର ଭିନ୍ନ ଭିନ୍ନ ମନ୍ଦିର ରହିଛି । ବର୍ତ୍ତମାନ ଥିବା ଏହି ମନ୍ଦିରଟିକୁ ଏକାଦଶ ଶତାବ୍ଦୀରେ ଶାସକ କୁଲୋତ୍ତୁଙ୍ଗା ଚୋଳଦେବ ନିର୍ମାଣ କରାଇଥିଲେ । ଏହାପରେ ବିଜୟନଗର ରାଜ୍ୟ ସମୟରେ ପରବର୍ତ୍ତୀ ସମ୍ପ୍ରସାରଣ ହୋଇଥିଲା । ବିଶ୍ୱାସ କରାଯାଏ ବ୍ରହ୍ମାଙ୍କ ଅଭିଶାପ ଯୋଗୁଁ ନବଗ୍ରହ କୁଷ୍ଠରୋଗରେ ଆକ୍ରାନ୍ତ ହୋଇ ଧଳା ଜଙ୍ଗଲୀ ଫୁଲର ଜଙ୍ଗଲ ବା ବେଲ୍ଲୁରୁକ୍କୁ ବନମ୍‌ରେ ରହିଥିଲେ । ଶିବଙ୍କୁ ଆରାଧନା କରି ଶାପମୁକ୍ତ ହେବା ପରେ ସେମାନେ ପୁଣି ଜ୍ୟୋତିଷ ମଣ୍ଡଳକୁ ଫେରିଯାଇଥିଲେ । ମନ୍ଦିରରେ ଦୈନିକ ସକାଳ ସାଢ଼େ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଛ' ପ୍ରକାର ରୀତିନୀତି ଅନୁଷ୍ଠିତ ହୁଏ ଏବଂ ପ୍ରତି ଦୁଇବର୍ଷରେ ଥରେ ବୃହଦ୍ ଉତ୍ସବ ଅନୁଷ୍ଠିତ ହୁଏ ।

## ପଶ୍ଚିମମୁଖା ସୂର୍ଯ୍ୟ ମନ୍ଦିର, ଔରଙ୍ଗାବାଦ

ବିହାରର ଔରଙ୍ଗାବାଦର ଦେବ୍‌ଠାରେ ରହିଛି ଏକ ସୂର୍ଯ୍ୟ ମନ୍ଦିର । ମନ୍ଦିରର କାରୁକାର୍ଯ୍ୟ ଯେତିକି ମନଲୋଭା ସେତିକି ବୈଶିଷ୍ଟ୍ୟ ଏହାର ସ୍ଥାପତ୍ୟରେ । ମନ୍ଦିର ଦେଢ଼ଲକ୍ଷ ବର୍ଷ ପୁରୁଣା ବୋଲି ବିଶ୍ୱାସ କରାଯାଏ । କୋଣାର୍କର ସୂର୍ଯ୍ୟମନ୍ଦିର ପରି ଏହାର ଆକୃତି ରଥ ପରି । ତେବେ ଏହି ମନ୍ଦିରରେ ୭ଟି ରଥରେ ସୂର୍ଯ୍ୟଙ୍କର ଉଦୟଚଳ, ମଧ୍ୟାଚଳ ଓ ଅସ୍ତାଚଳ ରୂପର ବିଗ୍ରହ ପୂଜା ପାଆନ୍ତି । ସାରା ଭାରତବର୍ଷରେ ଏହା ଏକମାତ୍ର ସୂର୍ଯ୍ୟ ମନ୍ଦିର ଯାହାର ମୁଖ ପଶ୍ଚିମକୁ । କଳା ଓ ମାଟିଆ ରଙ୍ଗର ପଥରରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟର ସମାନତା ରହିଛି ଓଡ଼ିଶାର ଜଗନ୍ନାଥ ମନ୍ଦିର ସହ । ସୂର୍ଯ୍ୟପୁରାଣରେ ଏହି ମନ୍ଦିର ସମ୍ପର୍କରେ ଉଲ୍ଲେଖ ରହିଛି ।

ପ୍ରଚଳିତ ଲୋକବିଶ୍ୱାସ ଅନୁଯାୟୀ କଳାପାହାଡ଼ ଓ ତା'ର ସହଯୋଗୀମାନେ ବିଭିନ୍ନ ଦେବ ମନ୍ଦିର ଓ ମୂର୍ତ୍ତି ଭଙ୍ଗାରୁଜା କରୁଥିଲେ । ସେମାନେ ଯେତେବେଳେ ଏହି ମନ୍ଦିର ପାଖରେ ପହଞ୍ଚିଲେ ସେତେବେଳେ ମନ୍ଦିରର ପୂଜକମାନେ ତାଙ୍କୁ ଏପରି ନକରିବାକୁ ବିନତୀ କଲେ । ଏହାକୁ ଉପହାସରେ ଉଡାଇ ଦେଇ କଳାପାହାଡ଼ କହିଲା- ଯଦି ତୁମ ଭଗବାନଙ୍କ ମୂର୍ତ୍ତିରେ କିଛି ଶକ୍ତି ଅଛି ତା'ହେଲେ କାଲି ସକାଳୁ ମନ୍ଦିରର ମୁହଁ ପଶ୍ଚିମପଟକୁ ହୋଇଯିବ । ପୂଜକମାନେ ସାରା ରାତି ସୂର୍ଯ୍ୟଦେବଙ୍କୁ ଆକୁଳ ପ୍ରାର୍ଥନା କଲେ । ସୂର୍ଯ୍ୟୋଦୟ ବେଳକୁ ସମସ୍ତେ ଦେଖିଲେ ମନ୍ଦିର ପଶ୍ଚିମମୁଖା ହୋଇଯାଇଛି । ପଶ୍ଚିମମୁଖା ହୋଇଥିବାରୁ ଏହା ଭାରତର ସବୁ ସୂର୍ଯ୍ୟ ମନ୍ଦିରଠାରୁ ଭିନ୍ନ ।

## ଦକ୍ଷିଣାର୍କ ମନ୍ଦିର, ଗୟା ବିହାର





ଐତିହାସିକ ମଗଧ ରାଜ୍ୟରେ ସୂର୍ଯ୍ୟ ଉପାସନା ବହୁଳ ପ୍ରଚଳିତ ଥିଲା । ସୂର୍ଯ୍ୟଙ୍କ ଆଦିତ୍ୟ ରୂପର ଅସଂଖ୍ୟ ମୂର୍ତ୍ତି ଗୟା ଅଞ୍ଚଳରେ ଦେଖିବାକୁ ମିଳେ । ଏହା ମଧ୍ୟଏସିଆର ଅଗ୍ନି ଉପାସନାର ପ୍ରଭାବ ବୋଲି ଐତିହାସିକମାନଙ୍କର ମତ । ଦକ୍ଷିଣାର୍କ ମନ୍ଦିରରେ ଥିବା ସୂର୍ଯ୍ୟଙ୍କ ପ୍ରତିମା ଇରାନୀୟ ଶୈଳୀର ଜ୍ୟାକେଟ୍, କଟିବନ୍ଧ ଓ ଉଚ୍ଚାଜୋତା ପିନ୍ଧିଛନ୍ତି । ଏହି ରୂପକୁ କୁହାଯାଏ ଦକ୍ଷିଣାର୍କ । ବର୍ତ୍ତମାନର ମନ୍ଦିର ତ୍ରୟୋଦଶ ଶତାବ୍ଦୀର । ଆନ୍ଧ୍ରପ୍ରଦେଶର ୱାରାଙ୍ଗଲ ରାଜ୍ୟର ରାଜା ପ୍ରତାପରୁଦ୍ର ନିର୍ମାଣ କରାଇଥିବା ଜଣାପଡୁଛି ।

ମନ୍ଦିରର ପୂର୍ବ ଦିଗରେ ମାନସ କୁଣ୍ଡ ବା ସୂର୍ଯ୍ୟକୁଣ୍ଡ ନାମକ ପୁଷ୍କରିଣୀ ଅଛି । ଲୋକମାନେ ଏହି ପୁଷ୍କରିଣୀରେ ପୂର୍ବଜଙ୍କୁ ଶ୍ରାଦ୍ଧ ଦିଅନ୍ତି । ମନ୍ଦିରର କାରୁକାର୍ଯ୍ୟ ଖୁବ୍ ସରଳ । ତେବେ ଅନ୍ୟାନ୍ୟ ମନ୍ଦିର ତୁଳାରେ ଏହାର ସଭାମଣ୍ଡପ ବଡ଼ । ମଣ୍ଡପରେ ବଡ଼ ବଡ଼ ସ୍ତମ୍ଭରେ ଶିବ, ବ୍ରହ୍ମା, ବିଷ୍ଣୁ, ସୂର୍ଯ୍ୟ ଓ ଦୁର୍ଗାଙ୍କ ମୂର୍ତ୍ତି ଖୋଦେଇ ହୋଇଛି । ଏଠାରେ ଆଉ ଦୁଇଟି ସୂର୍ଯ୍ୟ ମନ୍ଦିର ମଧ ଅଛି । ଗୋଟିଏ ଉତ୍ତରାର୍କ ମନ୍ଦିର ଓ ଅନ୍ୟଟି ଫୁଲ୍‌ଗୁ ନଦୀ କୂଳରେ ଗୟାଦିତ୍ୟ ମନ୍ଦିର ।

## ସୂର୍ଯ୍ୟ ପାହାଡ଼ ସୂର୍ଯ୍ୟ ମନ୍ଦିର, ଆସାମ

ଆସାମର ଗୋଲ୍‌ପରାର ସୂର୍ଯ୍ୟ ପାହାଡ଼ରେ ଅଛି ଏକ ସୂର୍ଯ୍ୟ ମନ୍ଦିର । ତୁଳନାତ୍ମକ ଭାବରେ ଏହି ମନ୍ଦିର ନୂଆ । ମନ୍ଦିରରେ ଏକ ଗୋଲାକାର ପଥରରେ ୧୨ଟି ଫୁଲ ପାଖୁଡ଼ାରେ ଆଦିତ୍ୟଙ୍କର ୧୨ଟି ରୂପ ଖୋଦେଇ ହୋଇଛି । ମଝିରେ ରହିଛି ସୂର୍ଯ୍ୟଙ୍କ ପିତା କଶ୍ୟପଙ୍କର ମୂର୍ତ୍ତି । ପ୍ରତିଟି ଆଦିତ୍ୟଙ୍କର ଗୋଟିଏ ମୁଖ୍ୟ ଓ ଦୁଇଟି ହାତ ଅଛି । କାଳିକାପୁରାଣ ଅନୁଯାୟୀ ସୂର୍ଯ୍ୟ ପାହାଡ଼ ସୂର୍ଯ୍ୟଙ୍କ ଆବାସସ୍ଥଳି । ମନ୍ଦିର ପାଦଦେଶରେ ଅସଂଖ୍ୟ ଶିବଲିଙ୍ଗ ଅଛି ।

## ନବଲଖା ମନ୍ଦିର, ଘୁମ୍‌ଲି, ଗୁଜରାଟ

ଗୁଜରାଟର ଜେଠ୍‌ୱା ଶାସକମାନେ ଏକାଦଶ ଶତାବ୍ଦୀରେ ନବଲଖା ମନ୍ଦିର ନିର୍ମାଣ କରାଇଥିଲେ । ମନ୍ଦିରଟି ଗୁଜରାଟର ଅନ୍ୟତମ ବୃହତ୍ ମନ୍ଦିର । ମନ୍ଦିରରେ କୀର୍ତ୍ତି ତୋରଣ ନାମକ ପ୍ରବେଶ ପଥ ଥିଲା ଯାହା ଏବେ ଭାଙ୍ଗି ଯାଇଛି । ମନ୍ଦିରର ଗର୍ଭଗୃହ, ପ୍ରଦକ୍ଷିଣ ମାର୍ଗ, ହଲ୍ ଓ ତିନୋଟି ଶୃଙ୍ଗାର ଚୌକି ସତରେ ମନଲୋଭା । ମଣ୍ଡପଟି ୮ ପାର୍ଶ୍ୱ ବିଶିଷ୍ଟ ସ୍ତମ୍ଭ ଟେକି ଧରିଛନ୍ତି । ପ୍ରତିଟି ସ୍ଥାନ କାରୁକାର୍ଯ୍ୟରେ ଭରା । ପ୍ରବେଶ ଦ୍ୱାର ଦୁଇ ମହଲା ବିଶିଷ୍ଟ । ନ'ଲକ୍ଷ ମୁଦ୍ରା ବ୍ୟୟରେ ମନ୍ଦିରଟି ନିର୍ମିତ ହୋଇଥିବାରୁ ଏହାର ନାମ ନବଲଖା ରଖାଯାଇଛି । ଏହା ସୋମନାଥ ମନ୍ଦିର ଓ ମାଧେରା ମନ୍ଦିରକୁ କାରୁକାର୍ଯ୍ୟରେ ପଛରେ ପକାଇ ଦେବ । ମାରୁ-ଗୁଜରାଟ ଓ ସୋଲାଙ୍କିଶୈଳୀର ସ୍ଥାପତ୍ୟରେ ନିର୍ମିତ ହୋଇଛି ଏହି ମନ୍ଦିର ।

## ଚୀନ୍‌ର ସୂର୍ଯ୍ୟ ମନ୍ଦିର


ଭାରତ ପରି ଚୀନରେ ମଧ ସୂର୍ଯ୍ୟପୂଜାର ପରମ୍ପରା ରହିଛି । ଚୀନ୍‌ର ମିୟାଙ୍ଗ ରାଜବଂଶର ସମ୍ରାଟ ଜିୟାଜିଙ୍ଗ ୧୫୦୦ ଖ୍ରୀଷ୍ଟାବ୍ଦରେ ବେଜିଂରେ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ରାଜକୀୟ ଅଦାଲତ ଦ୍ୱାରା ବଡ଼ ବଡ଼



ପୂଜାର ଆୟୋଜନ ଏହି ମନ୍ଦିରରେ କରାଯାଉଥିଲା । ଏହାର ବୃତ୍ତାନ୍ତ ଏବେ ମଧ ସଂରକ୍ଷିତ ରହିଛି । ମନ୍ଦିରରେ ନୃତ୍ୟ, ପ୍ରାର୍ଥନା, ଉପବାସ ସହ ପଶୁବଳି ଦିଆଯାଉଥିଲା । ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ଏବଂ ମଦ୍ୟ ପରିବେଷଣ କରାଯାଉଥିଲା । ଚୀନ୍‌ର ସଂସ୍କୃତି ଅନୁଯାୟୀ ଏଥିରେ ଆକର୍ଷକ ଲାଲ ରଙ୍ଗ ପ୍ରୟୋଗ କରାଯାଇଛି । ମନ୍ଦିରରେ ବ୍ୟବହୃତ ହେଉଥିବା ବାସନକୁସନ, ବସ୍ତ୍ର, ଖାଦ୍ୟ ଏବଂ ମଦ୍ୟ ସବୁକିଛି ଲାଲରଙ୍ଗର । ବର୍ତ୍ତମାନ ମନ୍ଦିର ଚାରିପାଖରେ ଏକ ବିଶାଳ ପାର୍କ ନିର୍ମାଣ କରାଯାଇଛି ଏବଂ ମନ୍ଦିରଟି ଏହି ବିଶାଳ ପାର୍କର ଅଂଶ ପାଲଟି ରହିଛି ।

## ଇଜିପ୍ଟର ସୂର୍ଯ୍ୟ ମନ୍ଦିର

ଭାରତ ଓ ଚୀନ୍ ପରି ପ୍ରାଚୀନ ସଭ୍ୟତା ଇଜିପ୍ଟରେ ମଧ ସୂର୍ଯ୍ୟପୂଜାର ପରମ୍ପରା ରହିଥିବା ଐତିହାସିକ ପ୍ରମାଣ ରହିଛି । ସୂର୍ଯ୍ୟ ଦେବତାଙ୍କୁ ଏଠାରେ ରା' ବୋଲି ସମ୍ବୋଧନ କରାଯାଏ । ସମଗ୍ର ଇଜିପ୍ଟରେ ଅସଂଖ୍ୟ ମନ୍ଦିର ରା'ଙ୍କ ପାଇଁ ସମର୍ପିତ । ତେବେ ଏସବୁ ମଧ୍ୟରୁ ସବୁଠାରୁ ଚର୍ଚ୍ଚିତ ଏବଂ ଦେଖିବା ଯୋଗ୍ୟ ମନ୍ଦିର ହେଉଛି ଆବୁ ସିମ୍ବେଲ୍‌ର



ରାମ୍‌ସେ ମନ୍ଦିର । ଇଜିପ୍ଟର ପଞ୍ଚମ ରାଜବଂଶ ଦ୍ୱାରା ଏହି ମନ୍ଦିର ନିର୍ମିତ ହୋଇଥିଲା । ମନ୍ଦିରର ସ୍ଥାପତ୍ୟ ଖୁବ୍ ଅନନ୍ୟ । ବର୍ଷସାରା ମନ୍ଦିରର ଗର୍ଭଗୃହ ଅନ୍ଧାରରେ ଥାଏ, କିନ୍ତୁ ବର୍ଷରେ ଦୁଇଦିନ ଫେବୃଆରୀ ୨୨ ଏବଂ ଅକ୍ଟୋବର ୨୨ ତାରିଖରେ ସୂର୍ଯ୍ୟଙ୍କ କିରଣ ଗର୍ଭଗୃହ ମଧ୍ୟରେ ଥିବା ରା'ଙ୍କ ପ୍ରତିମା ଉପରେ ପଡ଼ି ସବୁ ପାର୍ଶ୍ୱଦେବତାଙ୍କ ଉପରେ ପଡ଼ିପଡ଼ି ଯାଏ । କେବଳ ଅନ୍ଧାରର ଦେବତାଙ୍କ ଉପରେ ଏହି ସୂର୍ଯ୍ୟକିରଣ ପଡ଼େନାହିଁ । ଏହି ଅନନ୍ୟ ବାସ୍ତୁକଳାର ରହସ୍ୟ ଆଜିପର୍ଯ୍ୟନ୍ତ ଭେଦ କରିବା ସମ୍ଭବ ହୋଇନାହିଁ । ମନ୍ଦିରର ବହୁ ଅଂଶ ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଯାଇଛି, କିନ୍ତୁ ଗର୍ଭଗୃହ ସଂରକ୍ଷିତ ଅଛି । ଏହି ମନ୍ଦିରର ଉଚ୍ଚତା ଅଧିକ ହୋଇଥିଲେ ମଧ ପ୍ରବେଶ ଦ୍ୱାର ଛୋଟ ଏବଂ ସଂକୁଚିତ । ସଂକୁଚିତ ରାସ୍ତା ଦେଇ ମୁଖ୍ୟ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ହୁଏ । ସମ୍ରାଟ ରାମସେସ୍ ଦ୍ୱିତୀୟଙ୍କ ଦ୍ୱାରା ନିର୍ମିତ ତିନୋଟି ବିଶାଳ କଳାକୃତି ମଧ୍ୟରୁ ବର୍ତ୍ତମାନ କେବଳ ଏହି ଗୋଟିଏ ମନ୍ଦିର ରହିଛି ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 17th November, 2025 Monday | RNI Regd. No. ODIODI/2009/28880


## ସଠିକ୍ ଭାବେ ନିର୍ବାଚନ ହୋଇନି: ସ୍ନେହାଙ୍ଗିନୀ




**ଭୁବନେଶ୍ୱର, ୧୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନ ଭୋଟ୍ ରିଗିଂ ଅଭିଯୋଗ ଆଣିଲେ ସ୍ନେହାଙ୍ଗିନୀ ଛୁରିଆ। ସେ କହିଛନ୍ତି ଯେ, ନୂଆପଡ଼ାବାସୀଙ୍କ ସହ ମୁଁ ଅଛି। ସଠିକ୍ ଭାବେ ନିର୍ବାଚନ ହୋଇନି। ଆମ ସହ ଲୋକ ଅଛନ୍ତି। ମୋତେ ପ୍ରାର୍ଥୀ କରିଥିବାରୁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ। ମୋ ପଛରେ ଛିଡ଼ା ହୋଇ ସହଯୋଗ କଲେ, ପ୍ରଚାର କଲେ। ନୂଆପଡ଼ାବାସୀ ବିଜେଡିକୁ ଭଲପାଇବା ଦେଇଛନ୍ତି। ମୋତେ ଭଲ ପାଇବା ଦେଲେ। ଶଙ୍ଖ ଚିହ୍ନକୁ ସମର୍ଥନ ଜଣାଇଛନ୍ତି। ମୁଁ ହାରିଲା ପରେ ବି ମୋତେ ବହୁ ଲୋକ ଫୋନ୍ କରି ଧନ୍ୟବାଦ ଦେଇଛନ୍ତି। ମେସିନ ଭୋଟ୍‌କୁ ଅଗ୍ରାହ୍ୟ କରୁଛି।

ନୀତି ନିୟମ ଭିତରେ ଭୋଟ୍ ହୋଇନି। ଜିଲ୍ଲା ପ୍ରଶାସନ ଓ ନିର୍ବାଚନ କମିଶନଙ୍କୁ ନିନ୍ଦା କରୁଛୁ। ବୁଥ୍ ରିଗିଂକୁ ବିରୋଧ କରିଛି। ପଦ୍ମ ଫୁଲରେ ଭୋଟ୍ ଦେବାକୁ ଭୋଟରଙ୍କୁ ଚାପ ପକେଇଥିଲା ବିଜେପି। ଭୋଟିଂ ପ୍ରତିଶତ ଘୋଷଣା ଉପରେ ସନ୍ଦେହ ଲାଗୁଛି। ଅନେକ କଥାକୁ ଅସମ୍ଭବକୁ ସମ୍ଭବ କରିଛି ବିଜେପି। ଜିଲ୍ଲାପାଳଙ୍କଠୁ ଆରମ୍ଭ କରି ଏସ୍‌ପି ଯାଏଁ ବିଜେପି ପାଇଁ କାମ କରୁଥିଲେ। କିଛି ବୁଥ୍‌ରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ସନ୍ଦେହ ଜାତ ହେଉଛି। ୪୧ ବୁଥ୍‌ରେ ୯୦ରୁ ଅଧିକ ପ୍ରତିଶତ ଭୋଟିଂ ପାର ହୋଇଛି। ୫ଟାରେ ଭୋଟ୍ ସରିଛି। ନିର୍ବାଚନକୁ ଖେଳଘର ଭାବିଛନ୍ତି ନିର୍ବାଚନ କମିଶନ। ନୂଆପଡ଼ା ଏନ୍‌ଏସି ବ୍ୟତୀତ ଅନ୍ୟ ସବୁ ବୁଥ୍‌ରେ ରିଗିଂ ଓ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଲେ ସ୍ନେହାଙ୍ଗିନୀ। ମୁଁ ବିଭିନ୍ନ ବୁଥ୍‌କୁ ଯାଇ ପ୍ରତିବାଦ କରିଥିଲି। ପୋଷ୍ଟାଲ ବାଲାଟ୍‌ରେ ୩୦୦ ଭୋଟ୍ ନାକଚ କରାଯାଇଛି। ଏହା ତଦନ୍ତ ସାପେକ୍ଷ। ଏନେଇ କୋର୍ଟକୁ ଯିବେ କି ବୋଲି ପ୍ରଶ୍ନରେ ସେ କହିଛନ୍ତି, ଆମ ଦଳ ନେତା ନିଷ୍ପତ୍ତି ନେବେ। ଟଙ୍କା ବାଣ୍ଟିଲେ ବିଜେପି ହେଲେ ଆମ ପିଲା ଗିରଫ ହେଲେ। ଆମ ପିଲାଙ୍କ ବିରୋଧରେ ଆର୍ମସ ଆକ୍ଟ ଲଗେଇ ଦେଲେ। ଭୋଟ୍ ଜାଲିଆତି କରିଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ନେହାଙ୍ଗିନୀ ଛୁରିଆ। ଅନ୍ୟପଟେ, ବିଜେଡ଼ି ନେତ୍ରୀ ସୁଲୋଚନା ଦାସ କହିଛନ୍ତି, ନୂଆପଡ଼ାବାସୀ ଭଲ ପାଇବା ଅଛି। ସରକାରୀ କଳର ଅପବ୍ୟବହାର କରାଗଲା। କଳେ ବଳେ କୌଶଳେ ସେମାନେ ଭୋଟ ହାତେଇଥିବେ। ନୂଆପଡ଼ାବାସୀଙ୍କ ସହ ଆମେ ଅଛୁ।

## ଅଢ଼େଇ ଦିନରେ ଖେଳ ଶେଷ: ଦକ୍ଷିଣ ଆଫ୍ରିକାଠୁ ଭାରତର ଲଜ୍ଜାଜନକ ପରାଜୟ

**କୋଲକାତା, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅଢ଼େଇ ଦିନରେ ଶେଷ ହେଲା କୋଲକାତା ଟେଷ୍ଟ। ମାଟି କାମୁଡିଲା ଭାରତ। ୩୦ ରନ୍‌ରେ ବାଜି ମାରିନେଲା ଦକ୍ଷିଣ ଆଫ୍ରିକା। ଘରୋଇ ମାଟିରେ ମାତ୍ର ୧୨୪ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରିବାରେ ଭାରତ ବିଫଳ ହୋଇଥିବା ବେଳେ ୧୫ ବର୍ଷ ପରେ ଭାରତ ମାଟିରେ ଟେଷ୍ଟ ମ୍ୟାଚ୍ ଜିତିଲା ଦକ୍ଷିଣ ଆଫ୍ରିକା। ବିଜୟୀ ପାଇଁ ଭାରତ ଆଗରେ ୧୨୪ ରନ୍‌ର ଲକ୍ଷ୍ୟ ଥିବା ବେଳେ ଦଳ ୧୦୦ ରନ୍ ବି କରିପାରିଲାନି। ୯୩ ରନ୍‌ରେ ଅଲ୍‌ଆଉଟ୍ ହୋଇଗଲା ଦଳ।

ବୋଲରଙ୍କ ଦବଦବା ରହିଥିବା କୋଲକତା ଟେଷ୍ଟରେ। ଗତକାଲି ଖେଳ ବନ୍ଦ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୭ ୱିକେଟ ହରାଇ କରିଥିଲା ୯୩ ରନ୍। ଅଧିନାୟକ ତେମ୍ବା ବଭୁମା ଓ କୋରବିନ ବଚ୍ ଯଥାକ୍ରମେ ୨୯ ଓ ୧ ରନ୍ କରି ଅପରାଜିତ ରହିଥିଲେ। ଆଜି ତୃତୀୟ ଦିନରେ ଏହି ଦୁଇ ବ୍ୟାଟରଙ୍କ ମଧ୍ୟରେ ୪୪ ରନ୍‌ର ଭାଗିଦାରୀ ହୋଇଥିଲା। ଏହି ଯୋଡିକୁ ଭାଙ୍ଗିବାକୁ ଭାରତୀୟ ବୋଲରଙ୍କୁ ପ୍ରାୟ ୧୪ ଓଭର ଅପେକ୍ଷା କରିବାକୁ ପଡିଥିଲା।

୪୭.୧ ଓଭରରେ କୋରବିନ ବଚ୍‌ଙ୍କୁ ବୋଲ୍ଡ କରିଥିଲେ ଯଶପ୍ରୀତ ବୁମ୍ରା। ସେତେବେଳକୁ ବଚ୍ ତାଙ୍କ ଖାତାରେ ଆହୁରି ୨୪ ରନ୍ ଯୋଡି ସାରିଥିଲେ। ସେ ୩୭ଟି ବଲ୍‌ରୁ ୨ ଚୌକା ଓ ଗୋଟିଏ ଛକା ସହାୟତାରେ ୨୫ ରନ୍ କରି ଆଉଟ୍ ହୋଇଥିଲେ। କିନ୍ତୁ ଶେଷ ପର୍ଯ୍ୟନ୍ତ ତେମ୍ବା ବଭୁମାଙ୍କୁ ଆଉଟ୍ କରିପାରିନଥିଲେ ଭାରତୀୟ ବୋଲର। ସେ ୧୩୬ଟି ବଲ୍‌ରୁ ୪ ଚୌକା ସହାୟତାରେ ୫୫ ରନ୍ କରି ଅପରାଜିତ ରହିଥିଲେ।

ସିମନ ହାରମେର ୭ ରନ୍ କରି ଆଉଟ୍ ହୋଇଥିବା ବେଳେ କେଶବ ମହାରାଜ ଖାତା ଖୋଲିପାରି ନଥିଲେ। କେଶବ ମହାରାଜ ଆଉଟ୍ ହେବା ପରେ ଦକ୍ଷିଣ ଆଫ୍ରିକାର ଇନିଂସ ଶେଷ ହୋଇଥିଲା। ଦଳ ୧୫୩ ରନ୍ କରି ଅଲ୍ ଆଉଟ୍ ହେବା ପରେ ପ୍ରଥମ ଇନିଂସରେ ୩୦ ରନ୍‌ର ଲିଡ୍ ନେଇଥିବା ଭାରତ ଆଗରେ ବିଜୟୀ ପାଇଁ ରହିଥିଲା ୧୨୪ ରନ୍‌ର ଲକ୍ଷ୍ୟ।

ଆହତ ଅଧିନାୟକ ଶୁବମନ ଗିଲଙ୍କ ଅନୁପସ୍ଥିତିରେ ଭାରତୀୟ ଟିମ୍ ପାଇଁ ୧୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ଛୁଇଁବା କଷ୍ଟକର ହୋଇପଡିଥିଲା। ଦଳକୁ ଆରମ୍ଭରୁ ଲାଗିଥିଲା ବଡ ଝଟକା। ୧ ରନ୍‌ରେ ଦଳ ହରାଇଥିଲା ୨ଟି ୱିକେଟ୍। ପ୍ରଥମ ଓଭରରେ ଖାତା ଖୋଲି ନପାରି ମାର୍କୋ ଜାନସେନଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ ଯଶସ୍ୱୀ ଜୈସୱାଲ। ୨.୧ ଓଭରରେ ମାତ୍ର ୧ ରନ୍ କରି ଜାନସେନଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ କେଏଲ ରାହୁଲ। ଏହା ପରେ ମ୍ୟାଚ୍‌କୁ ଆଗେଇ ନେଇଥିଲେ ୱାଶିଂଟନ ସୁନ୍ଦର ଓ ଧ୍ରୁବ ଜୁରେଲ। ଦୁହେଁ ଧୈର୍ଯ୍ୟର ସହିତ ଖେଳୁଥିବା ବେଳେ ୧୪.୬ ଓଭରରେ ଆଉଟ୍ ହୋଇଥିଲେ ଧ୍ରୁବ ଜୁରେଲ। ସେ ୩୪ଟି ବଲ୍‌ରୁ ୧୩ ରନ୍ କରି ଆଉଟ୍ ହୋଇଥିଲେ। ସେତେବେଳକୁ ଦଳୀୟ ସ୍କୋର ୩୩ରେ ପହଞ୍ଚିଥିଲା। ତାଙ୍କ ପରେ ଆସିଥିବା ଋଷଭ ପନ୍ତ ମାତ୍ର ୨ ରନ୍ କରି ଆଉଟ୍ ହୋଇଯାଇଥିଲେ। ସିମନ ହାରମେରଙ୍କ ଦ୍ୱାରା ସେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ।

ଧ୍ରୁବ ଆଉଟ୍ ହେବା ପରେ କ୍ରିଜ୍‌କୁ ଆସିଥିବା ରବୀନ୍ଦ୍ର ଜାଡେଜାଙ୍କୁ ସାଥୀ କରି ୱାଶିଂଟନ ସୁନ୍ଦର ମ୍ୟାଚ୍‌କୁ ଆଗେଇ ନେଇଥିଲେ। ଜାଡେଜା ଅଧିକ ସମୟ କ୍ରିଜ୍‌ରେ ରହିପାରି ନଥିଲେ। ସେ ୨୬ଟି ବଲ୍‌ରୁ ୧୮ ରନ୍ କରି ସିମନ ହାରମେରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେ ଆଉଟ୍ ହେବାର ୨ ଓଭର ପରେ ୱାଶିଂଟନ ସୁନ୍ଦର ଆଉଟ୍ ହୋଇଯାଇଥିଲେ। ସେ ୯୨ଟି ବଲ୍‌ରୁ ୩୧ ରନ୍ କରିଥିଲେ। ଅକ୍ଷର ପଟେଲ ୧୭ ବଲ୍‌ରୁ ୨୬ ରନ୍ କରିଥିବା ବେଳେ କୁଲଦୀପ ଯାଦବ ୧ ରନ୍ କରିଥିଲେ। ମହମ୍ମଦ ସିରାଜ ଖାତା ଖୋଲିପାରି ନଥିବା ବେଳେ ଯଶପ୍ରୀତ ବୁମ୍ରା ଶୂନରେ ଅପରାଜିତ ରହିଥିଲେ। ଆହତ ହୋଇଥିବା ଯୋଗୁ ଅଧିନାୟକ ଶୁବମନ ଗିଲ୍ ବ୍ୟାଟିଂ କରିବାକୁ ନଆସିପାରିବାରୁ ସିରାଜ ଆଉଟ୍ ହେବା ପରେ ଭାରତର ଦ୍ୱିତୀୟ ଇନିଂସ ଶେଷ ହୋଇଥିଲା ଓ ଦଳ ୩୦ ରନ୍‌ରେ ପରାସ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ତରଫରୁ ସିମନ ହାରମେର ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଜାନସେନ ଓ କେଶବ ମହାରାଜ ୨ଟି ଲେଖାଏ ୱିକେଟ୍ ପାଇଥିଲେ। ଏଡେନ ମାର୍କରମ ଗୋଟିଏ ୱିକେଟ୍ ନେଇଥିଲେ।

ସୂଚନାଯୋଗ୍ୟ, ଦକ୍ଷିଣ ଆଫ୍ରିକା ପ୍ରଥମ ପ୍ରଥମ ଇନିଂସରେ ୧୫୯ ରନ୍ କରିଥିବା ବେଳେ ଭାରତ ୧୮୯ ରନ୍ କରିଥିଲା। ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୩ ରନ୍ କରିଥିବା ବେଳେ ଭାରତ ୯୩ ରନ୍ କରିଥିଲା। କୋଲକାତା ଟେଷ୍ଟରେ ବିଜୟୀ ହେବା ସହିତ ଦୁଇଟି ମ୍ୟାଚ୍ ବିଶିଷ୍ଟ ଚଳିତ ଟେଷ୍ଟରେ ୧-୦ରେ ଆଗୁଆ ରହିଛି ଦକ୍ଷିଣ ଆଫ୍ରିକା। ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୨୨ ତାରିଖରୁ ଗୌହାଟୀରେ ଆରମ୍ଭ ହେବ।



## ଅହଂକାର ପାଇଁ ଉପର ପଡ଼ିଆକୁ ଶ୍ମଶାନ କରିଦେଲେ: ମେୟର

**କଟକ, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଯାତ୍ରା ପରେ ଆୟୋଜନକୁ ନେଇ ଜିଲ୍ଲା ପ୍ରଶାସନ ତଥା ନିର୍ଦ୍ଦିଷ୍ଟ ଭାବେ ଜିଲ୍ଲାପାଳଙ୍କ ମନମୁଖୀ କାମ ଅଭିଯୋଗ କରି ପ୍ରଶାସନର ନିମନ୍ତ୍ରଣପତ୍ର ଚିରିଲେ ମେୟର ସୁବାସ ସିଂହ। ପ୍ରଶାସନ ବାଲିଯାତ୍ରା ଆୟୋଜନରେ ନିର୍ବାଚିତ ଲୋକ ପ୍ରତିନିଧି ଓ ସିଏମସି କାଉନସିଲକୁ ନିମନ୍ତ୍ରଣ ନକରିବା ଅଭିଯୋଗ କରି ଏକ ପ୍ରତିକାତ୍ମକ ବିରୋଧ ସ୍ୱରୂପ ମେୟର ବାଲିଯାତ୍ରା ସରିବା ପରେ ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ୟାମେରା ସାମ୍ନାରେ ଏଭଳି ନିମନ୍ତ୍ରଣ ପତ୍ର ଚିରିଛନ୍ତି । ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ଅଧା ପନ୍ତରିଆ କରିବା ଓ ଆୟୋଜନରେ ମନମାନୀ କରି ଲୋକଙ୍କ ଜୀବନ ବିପନ୍ନ କରିବା ସଂପର୍କରେ ସିଏମସି କାଉନସିଲ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜିଲ୍ଲାପାଳଙ୍କ କାର୍ଯ୍ୟକଳାପର ସମୀକ୍ଷା କରିବା ପାଇଁ ନିବେଦନ କରିବେ ବୋଲି ମେୟର କହିଛନ୍ତି । କଟକ ମେୟର ସୁବାସ ସିଂହ ବାଲିଯାତ୍ରା ଆୟୋଜନ ଅନିୟମିତତା ସଂପର୍କରେ ସାମ୍ବାଦିକ ସମ୍ମିଳନୀ ଡାକି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଉପରେ ବେଶ ବର୍ଷିଛନ୍ତି। ବାଲିଯାତ୍ରା ଆୟୋଜନରେ ସିଏମସି ଓ ସିଏମସିର ନିର୍ବାଚିତ କାଉନସିଲକୁ ସଂପୂର୍ଣ୍ଣ ବାଦ ଦେଇ ଜିଲ୍ଲାପାଳ ନିଜ ଅହଂକାରର ପରିଚୟ ଦେଇଛନ୍ତି ବୋଲି ମେୟର କହିଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀ ଉପର ବାଲିଯାତ୍ରା ପଡ଼ିଆରେ ଯଥାବିଧି ବାଲିଯାତ୍ରା ଆୟୋଜନ କରିବାକୁ ପରାମର୍ଶ ଦେବା ପରେ ବି ଜଣେ ଜିଲ୍ଲାପାଳ କେବଳ ନିଜର ଅହଂକାର ଦେଖାଇବା ପାଇଁ ଉପର ପଡ଼ିଆକୁ ଶ୍ମଶାନ ସଦୃଶ କରିଦେଲେ ବୋଲି ମେୟର ଅଭିଯୋଗ କରିଛନ୍ତି। ବାଲିଯାତ୍ରାର ଶେଷ ଦିନ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ସମୟରେ ଲକ୍ଷଲକ୍ଷ ଲୋକ ଏକାଠି ହେବା ଓ ପ୍ରଶାସନର ଅବବ୍ୟବସ୍ଥା ଯୋଗୁ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହେବା ପାଇଁ ଜିଲ୍ଲାପାଳ ସଂପୂର୍ଣ୍ଣ ଭାବେ ଦାୟୀ ବୋଲି ମେୟର କହିଛନ୍ତି। ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯିବ ଓ ଜିଲ୍ଲାପାଳଙ୍କ କାର୍ଯ୍ୟକଳାପର ସମୀକ୍ଷା କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମେୟରଙ୍କ ସହ ଡେପୁଟି ମେୟର ଓ ଅଧିକାଂଶ ବିଜେଡ଼ି କର୍ପୋରେଟର ଉପସ୍ଥିତ ଥିଲେ। ବାଲିଯାତ୍ରା ଆୟୋଜନରେ ପ୍ରତିବର୍ଷ ସିଏମସି ବଡ଼ ଭୂମିକା ଗ୍ରହଣ କରିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ଏପରିକି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଲିଯାତ୍ରାର ଉଦଯାପନୀ ସଭାକୁ ସିଏମସି ମେୟର ଓ କର୍ପୋରେଟରମାନଙ୍କୁ ନିମନ୍ତ୍ରଣ କରାଯାଇନଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଅପର ପକ୍ଷରେ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ପାଇଁ ଡେପୁଟି ମେୟରଙ୍କୁ ଗୋଟିଏ ପାସ ଦିଆଯାଇଥିଲା। ପାସ ନେଇ କାର୍ଯ୍ୟକ୍ରମ ଦେଖିବାକୁ ଯାଇ ଡେପୁଟି ମେୟର ବେଶ ହଟହଟା ହୋଇଥିବା ଶ୍ରୀ ସିଂହ କହିଛନ୍ତି।



## ତଟବନ୍ଧ ସବଡିଭିଜନ ଅଫିସ୍‌ରୁ ଚୋରି

**ରାଜନଗର, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗରଠାରେ ଥିବା ତଟବନ୍ଧ ବିଭାଗ ସବଡିଭିଜନ କାର୍ଯ୍ୟାଳୟ ଓ ସେକନ୍ସ ଅଫିସ କବାଟ ଭାଙ୍ଗି ଚୋରି ହୋଇଛି। ଦୁର୍ବୃର୍ତ୍ତ ସବଡିଭିଜନ କାର୍ଯ୍ୟାଳୟ ଓ ସେକନ୍ସ ଅଫିସର ସମସ୍ତ କବାଟକୁ ତାଡି ଦେଇଛନ୍ତି। କାର୍ଯ୍ୟାଳୟ ଭିତରେ ସରକାରୀ କାଗଜପତ୍ର ବିଛାଡି ହୋଇ ପଡିଥିବା ପରିଲକ୍ଷିତ ହୋଇଛି। କାର୍ଯ୍ୟାଳୟ ଭିତରେ ଓ ବାହାରେ ଲାଗିଥିବା ୩ଟି ସିସିଟିଭି କ୍ୟାମେରା ନଥିବା ବେଳେ ହାର୍ଡଡିସ୍କ ମଧ ନଥିବା ଦେଖିବାକୁ ମିଳିଛି। ଆଜି ରବିବାର ଥିବାରୁ ପିଅନ ଖବର ପାଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଆଜି ରବିବାର ଥିବାରୁ ପୋଲିସକୁ ଯନ୍ତ୍ରୀ ଫୋନ ଯୋଗେ ଜଣାଇଥିଲେ। ଖବର ପାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଆସିବା ପରେ କ'ଣକ'ଣ ଚୋରି ହୋଇଛି ତାହା ସ୍ପଷ୍ଟ ହେବ। ରାଜନଗର ବ୍ଲକ ମୁଖ୍ୟାଳୟରେ ଥିବା ସରକାରୀ କାର୍ଯ୍ୟାଳୟରେ ଚୋରି ଘଟଣା ଉଦବେଗ ସୃଷ୍ଟି କରିଛି।

## ସଫା ହୋଇନି ମେଳା ପଡ଼ିଆ: ପଡ଼ି ରହିଛି କୁଢ଼କୁଢ଼ ଆବର୍ଜନା

**କଟକ, ୧୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୩ ଦିନ ହେଲାଣି ସରିଲାଣି ବାଲିଯାତ୍ରା । ଅଧିକାଂଶ ବେପାରୀ ଘରକୁ ବାହୁଡ଼ି ଗଲେଣି । ବଡ଼ ବଡ଼ ଷ୍ଟଲଗୁଡ଼ିକ ଖୋଲା ଚାଲିଛି । ଅପର ପକ୍ଷରେ ମେଳା ପଡ଼ିଆରେ କୁଢ଼ କୁଢ଼ ଅଳିଆ ଓ ପଲିଥିନ ପଡ଼ି ରହିଛି । ଫଳରେ ବାଲିଯାତ୍ରା ପଡ଼ିଆ ଏବେ ଆବର୍ଜନାମୟ ହୋଇପଡ଼ିଛି । ପ୍ରଶାସନ ପକ୍ଷରୁ ଏହାର ସଫେଇ କରାଯାଇନାହିଁ, ଯାହାକୁ ନେଇ ପରିବେଶବିତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏଥର ବାଲିଯାତ୍ରାକୁ ସବୁଜ ସୁନ୍ଦର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକାଧିକ ଯୋଜନା କରାଯାଇଥିଲା। ଏପରିକି ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିଲା। ହେଲେ ପଡ଼ିଆ ସାରା ଏବେ ପଲିଥିନ ଉଡୁଛି। ଏପରିକି ସ୍ଥାନେ ସ୍ଥାନେ ପଲିଥିନ ଗଦା ହୋଇ ରହିଛି । ଯଦି ଏହା ପାଣିରେ ମିଶେ ମହାନଦୀ ପ୍ରଦୂଷଣ ହେବାର ଆଶଙ୍କା ରହିଛି ବୋଲି ପରିବେଶବିତମାନେ ମତ ଦେଇଛନ୍ତି । ତେବେ ଯାତ୍ରା ସରିବା ପରେ ମେଳା ପଡ଼ିଆର ପରିମଳ ଉପରେ ଗୁରୁତ୍ୱ ଦିଆନଯିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ମଧ୍ୟରେ ସମନ୍ୱୟ ଅଭାବରୁ ମେଳା ପଡ଼ିଆରୁ ଆବର୍ଜନା ଉଠିପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି । ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ସହ ଯଥାଶିଘ୍ର ବାଲିଯାତ୍ରା ପଡ଼ିଆକୁ ସଫେଇ କରିବାକୁ ବୁଦ୍ଧିଜୀବି ମହଲରୁ ଦାବି ହୋଇଛି ।



## ବଢ଼ିବଢ଼ି ଚାଲିଛି ବାଲି ମାଫିଆଙ୍କ ଦୌରାତ୍ମ୍ୟ

**କେନ୍ଦ୍ରାପଡ଼ା, ୧୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ବର୍ଷଠାରୁ କେନ୍ଦ୍ରାପଡା ଜିଲ୍ଲାରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢିବଢି ଚାଲିଛି । ସରକାରୀ ବ୍ୟବସ୍ଥା ସହିତ ବାଲି ମାଫିଆ ଏକ୍ଷେତ୍ରରେ ଏକ ପ୍ରକାର ଅଚଳ । ଜାତୀୟ ଜଳପଥ ଖନନରୁ ଆଳି ଅଂଚଳରୁ ଉଠାଯାଇଥିବା ଲକ୍ଷ ଲକ୍ଷ କ୍ୟୁବିକ୍ ମିଟର ବାଲି କୁଆଡ଼େ ଗଲା ବର୍ଷବର୍ଷ ପରେ ବି ପ୍ରଶାସନ ନିକଟରେ ଏହାର ଖବର ନାହିଁ । ସଂପ୍ରତି ବେଆଇନ ଓ ବେପରୁଆ ବାଲି ଉଡାଣ ଚାରିଆଡ଼େ ଦେଖିବାକୁ ମିଳୁଛି । ଜିଲ୍ଲାର ଆଳି, ଡେରାବିଶ, ଗରଦପୁର, ରାଜକନିକା, ମାର୍ଶାଘାଇ, ମହାକାଳପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଂଚଳରେ ଥିବା ନଦୀଗୁଡ଼ିକର ୨୯ଟି ସଇରାତ ଅନ୍ତର୍ଗତ ୧୫୭.୩୩୬ ହେକ୍ଟର ପରିମିତ ନଦୀ ଶଯ୍ୟା ରୁବାଲି ଉଠାଣ ପାଇଁ ଅନୁମତି ଦିଆଯାଇଥିବା କୁହାଯାଉଛି । କିନ୍ତୁ ପ୍ରକୃତ ପକ୍ଷେ ୧୯ଟିର କୌଣସି ଅନୁମତି ନାହିଁ । ଅନୁମତି ଥିବା ବାଲି ଘାଟରୁ ଲିଜ୍ ଧାରୀ ମାନେ ବହୁ ଅଧିକ ଅଂଚଳରୁ ବାଲି ଉଠାଣ କରି ଚାଲାଣ କରୁଥିଲେ ମଧ୍ୟ ଏହାର ତନଖି ହେଉନାହିଁ । ସବୁଠି ଏନଜିଟିର ଗାଇଡ଼ ଲାଇନ୍ ଉଲ୍ଲଘଂନ ହେଉଥିଲେ ମଧ୍ୟ ଏଥିପ୍ରତି ନଜର ନାହିଁ । ତେବେ ବିନା ଲିଜ୍ ରେ ବହୁ ଅଂଚଳରୁ ବାଲି ଉଠାଣ କିପରି ହେଉଛି ତାହା ବଡ଼ ବିସ୍ମୟ ସୃଷ୍ଟି କରିଛି । ସ୍ଥାନୀୟ ପ୍ରଶାସନ ଏକ ପ୍ରକାର ହାତ ଟେକି ଦେଇଛି । ଅତିତରେ ଆଳି ର ଖରସ୍ରୋତା ନଦୀରୁ ଚାଇନା ମେସିନ୍ ଲଗାଇ ବାଲି ଉଠାଣ ହେଉଥିବାର ଦୃଶ୍ୟଚିତ୍ର ସହିତ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବି ଖଣି ବିଭାଗ ଓ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଏବଂ ଏହି ଖବର ପ୍ରସାରଣ କରାଇଥିବା ଗଣମାଧ୍ୟମର ପ୍ରତିନିଧିଙ୍କୁ ମରଣାତ୍ମକ ଆକ୍ରମଣ ହେବା ଘଟଣା ପରେ ବାଲି ମାଫିଆମାନେ ପ୍ରଶାସନ ଓ ଖଣି ବିଭାଗ ସହିତ ଅସାଧୁ ଡ଼ିଲ୍ ଜରିଆରେ ଅନୁବନ୍ଧିତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ପଟ୍ଟାମୁଣ୍ଡାଇ ବ୍ଲକସ୍ଥ ବ୍ରାହ୍ମଣୀ ନଦୀରୁ ବାଲି ଉଠାଣ, କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁରରେ ବାଲି ଉଠାଣ ସଂପୂର୍ଣ୍ଣ ବେଆଇନ ଭାବେ ଚାଲିଛି । ଆଳି ତହସିଲ ଅଧୀନରେ ଅରଗଳ, ଦୈତାରୀପୁର, ଦେସାହି, ଜୁଆଣିଆ, ଗଙ୍ଗାଧରପୁର ଓ ନୂଆପଡା ଠାରେ ଥିବା ବାଲି ସଇରାତ ନିଲାମ ହୋଇ ନଥିବାରୁ ବାଲି ଉଠାଣ ବନ୍ଦ ରହିଛି ବୋଲି ସରକାରୀ କାଗଜପତ୍ର କହୁଛି । କିନ୍ତୁ ବାସ୍ତବ ପକ୍ଷେ ସବୁଠି ବାଲି ଉଠୁଛି । ଏହି ଲଘୁ ଖଣିଜ ସମ୍ପଦ ଉଠାଣରେ ଅନିୟମିତତା ପାଇଁ କେନ୍ଦ୍ରାପଡା ଜିଲାରେ ଏନଜିଟି ମାମଲା ବଢୁଛି । ମାର୍ଶାଘାଇ ତହସିଲ ଅଧୀନ ତୁଳସୀପୁର ଓ ପକ୍ଷୋଟ ବାଲି ସଇରାତର ପରିବେଶ ମଞ୍ଜୁରୀ ମିଳି ନଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପାରାଦୀପସ୍ଥ ଆଂଚଳିକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଥିଲେ ମଧ୍ୟ ଏଠାରୁ ବି ବାଲି ଉଠୁଛି । ସଇରାତ ଚିହ୍ନଟ ଓ ବାଲି ଉଠାଣରେ ବହୁ କଟକଣା ଅଛି । ନଦୀ ଶଯ୍ୟାର ଏକ ପଂଚମାଂଶରୁ ଉର୍ଦ୍ଧ ବାଲି ଉଠାଣକୁ ପରିବେଶ ବିଭାଗ ପକ୍ଷରୁ କଟକଣା ଜାରି ହୋଇଛି । ସେହିପରି ପାନୀୟ ଜଳ ପ୍ରକଳ୍ପ, ବନ୍ଧ, ନଦ୍ୱୀ, ପୋଲ ନିକଟ ଠାରୁ ୩୦୦ ମିଟର ପର୍ଯ୍ୟନ୍ତ ବାଲି ଉଠାଣ ହୋଇ ପାରିବ ନାହିଁ । ପରିବେଶ ପ୍ରଦୁଷଣ ମୁକ୍ତ ଗାଡି ଏହି ପରିବହନରେ ନିଯୁକ୍ତ ହେବାକୁ ଥିବା ବେଳେ ଗାଡି ଉପରେ ପାଲ ଢ଼ଙ୍କା ଯିବାକୁ ନିୟମ ହୋଇଛି । ଏଥିସହିତ ବହୁ ନିୟମ ନଦୀପଥର ସୁରକ୍ଷା ଦିଗରେ ଉଲ୍ଲେଖ ଅଛି । କିନ୍ତୁ କୌଣସିଠାରେ ଏହି ନିୟମର ଚିହ୍ନବର୍ଣ୍ଣ ମିଳୁନାହିଁ ବୋଲି ଅଭିଯୋଗ ହେଉଛି । ସବୁଠାରୁ ବଡ଼ କଥା ହେଲା ଗାଁ ଗହଳ ରାସ୍ତାରେ ବାଲି ଚାଲାଣ କରୁଥିବା ଶହଶହ ହାଇୱାଙ୍କ ଅବାଧ ଚଳାଚଳ ଯୋଗୁ ଗ୍ରାମ୍ୟ ରାସ୍ତା ସବୁ ପୁନଃନିର୍ମାଣ ତଥା ମରାମତି ହେବାର ମାସ କେଇଟା ନଯାଉଣୁ ମୃତ୍ୟୁଯନ୍ତାରେ ପରିଣତ ହେଉଛି । ଯାହା ଲୋକଙ୍କ ଦୁର୍ଦ୍ଦଶାର କାରଣ ହୋଇଛି । ସ୍ଥାନୀୟ ଖଣି ଅଧିକାରୀଙ୍କ କହିବା କଥାଯେ, ଅଧିକ ବାଲି ଉଠାଣ ଓ ପରିବେଶ ମଞ୍ଜୁରୀ ସଂକ୍ରାନ୍ତୀୟ କାଗଜପତ୍ରର ତନଖି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।ତେବେ ବେଆଇନ ଭାବେ ଅନୁମତି ନଥାଇ ବାଲି ଉଠାଣ ନେଇ ସେ ନିରବତା ଅବଲମ୍ବନ କରୁଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ବଳଦେବଜୀଉ...

ତୁରନ୍ତ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସେଠାରେ ଉପସ୍ଥିତ ଥିବା ଆର୍କିଟେକ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମନ୍ଦିର ଟ୍ରଷ୍ଟବୋର୍ଡ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସେବାୟତ ଟ୍ରଷ୍ଟି ନୃସିଂହ ଚରଣ ପତ୍ରୀ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ରତିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଆତ୍ମସମର୍ପଣ କଲେ...

ଓଡ଼ିଶା ଦେଇ ଝାଡ଼ଖଣ୍ଡରୁ ଛତିଶଗଡ଼ ପର୍ଯ୍ୟନ୍ତ ଉତ୍ତର-ଦକ୍ଷିଣ କରିଡରକୁ ପୁନଃସକ୍ରିୟ କରିବା। ସେମାନେ ୨୦୧୮ ମସିହାରୁ ଯଥାକ୍ରମେ ସିପିଆଇ (ମାଓବାଦୀ) ସଂଗଠନରେ କାର୍ଯ୍ୟ କରୁଥିଲେ ଏବଂ ଛତିଶଗଡ଼ ଏବଂ ଓଡ଼ିଶା ରାଜ୍ୟରେ ଅନେକ ହିଂସାତ୍ମକ ଘଟଣାରେ ଜଡିତ ଥିଲେ। ସେମାନେ ସାଧାରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଛନ୍ତି।

କନ୍ଧମାଳ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନକୁ ତୀବ୍ର କରାଯାଇଛି ଏବଂ ମାଓ ସଂଗଠନରେ ମହିଳା କ୍ୟାଡରଙ୍କ ଯୌନ ନିର୍ଯାତନା, ଧମକ ଦେଇ ପାଣ୍ଠି ଆଦାୟ ଏବଂ ମିଥ୍ୟା ପ୍ରତିଶ୍ରୁତି ଏବଂ ପ୍ରଚାର ଦ୍ୱାରା ଯୁବକ ପୁଅ ଏବଂ ଝିଅମାନଙ୍କୁ ସଂଗଠନରେ ସାମିଲ କରିବା ଭଳି କ୍ରମାଗତ ଅନୈତିକ କାର୍ଯ୍ୟକଳାପ ଯୋଗୁଁ ସେମାନେ ବିଚଳିତ ଏବଂ ହତାଶ ହୋଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ନିମ୍ନ ପଦାଧିକାରୀ କ୍ୟାଡରଙ୍କ ପ୍ରତି ବରିଷ୍ଠ ନେତାଙ୍କ କାର୍ଯ୍ୟକଳାପ ଅଭଦ୍ର ଆଚରଣ, ଗଞ୍ଜେଇ ଚାଷ ଏବଂ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା, ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଇତ୍ୟାଦି ଯୋଗୁଁ ସେମାନେ ହତାଶ ହୋଇଥିଲେ। ଆଦିବାସୀ ଲୋକଙ୍କ ବିକାଶ ଏବଂ ଉନ୍ନତି ପାଇଁ ସରକାରଙ୍କ ନୀତି ପ୍ରତି ମଧ ସେମାନେ ଆକର୍ଷିତ ହୋଇଥିଲେ। ବୋଲି ଦମ୍ପତି କହିଛନ୍ତି।

### ଦୁଇ ମାସ...

ସନ୍ଦେହର ଅବକାଶ ନାହିଁ। କିନ୍ତୁ ସରକାର ଘରୋଇ ସ୍କୁଲମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ହେଉ କିମ୍ବା ବୃହତ ଜନସଂଖ୍ୟାର ସାଧାରଣ ଗରିବ ଗୁରୁବା ପରିବାରଗୁଡ଼ିକୁ ଉତ୍ତମ ଗୁଣାତ୍ମକ ଶିକ୍ଷାରୁ ବଂଚିତ କରି ସେମାନଙ୍କୁ ସବୁଦିନେ ଅନଗ୍ରସର କରି ରଖିବା ପାଇଁ ହେଉ ସରକାରୀ ସ୍କୁଲ ଗୁଡ଼ିକରେ ଉତ୍ତମ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦେଉନଥିବା ଅଭିଯୋଗ ହୋଇ ଆସୁଛି । ସରକାର ଏହି ଅଭିଯୋଗ ପ୍ରତି ସଚେତନ ନହୋଇ ବେପରୁଆ ମନୋଭାବ ପ୍ରଦର୍ଶନ କରିଚାଲିଛନ୍ତି । ବିଶେଷ କରି ମାଧ୍ୟମିକ ଶିକ୍ଷାନୁଷ୍ଠାନ ଗୁଡ଼ିକ ଉପରେ ଏହାର ଗୁରୁତର ପ୍ରଭାବ ଅନୁଭୂତ ହେଲାଣି । ପରିଣାମରେ ବହୁ ମାଧ୍ୟମିକ ଶିକ୍ଷାନୁଷ୍ଠାନ ନିକଟ ଭବିଷ୍ୟତର ଆପେ ଆପେ ବନ୍ଦ ହୋଇଯିବା ପ୍ରାୟ ନିଶ୍ଚିତ ବୋଲି କୁହାଯାଇଛି । ଜିଲ୍ଲାର ଶିକ୍ଷାବିତ୍ ମାନେ ଆହୁରି ଦର୍ଶାଇଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷକ ମରୁଡ଼ିକୁ ଲୁଚେଇବା ପାଇଁ ସରକାର ଅତିଥି ଶିକ୍ଷକଙ୍କ ଉପରେ ଭରସା କରିଛନ୍ତି । ସେଥିରେ ମଧ୍ୟ ଚାଲାଖି କରି ବର୍ଷର ୯ମାସ ପାଇଁ ଏହି ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦେଉଛନ୍ତି । ଚଳିତ ବର୍ଷ ଜୁନ୍ ଅଧାରୁ ସ୍କୁଲ ଖୋଲି ପାଠପଢା ଅଢେଇ ମାସଚାଲିବା ପରେ ଗତ ତା୧.୯.୨୫ରିଖ ଠାରୁ ବହୁ ସଂଖ୍ୟାରେ ଅତିଥି ଶିକ୍ଷକ ନିଯୁକ୍ତି କରାଗଲା । ସତକଥା କହିବାକୁ ଗଲେ ଜିଲ୍ଲାରେ ଥିବା ସରକାରୀ ସ୍କୁଲ ଗୁଡ଼ିକରେ ଯେ ଶିକ୍ଷକ ଅଭାବ ନାହିଁ ତାହା ନୁହେଁ ,ହେଲେ ୩୪ଟି ଏଡ଼େଡ୍ ଓ ୧୦୩ଟି ନିଉ ଏଡ଼େଡ୍ ହାଇସ୍କୁଲ ରେ ପାଠ ପଢୁଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଭାଗ୍ୟ କେବଳ ଏହି ଅତିଥି ଶିକ୍ଷକଙ୍କ ଉପରେ ନିର୍ଭର କରୁଛି । କାରଣ ଏହି ସବୁ ସ୍କୁଲ ରେ ନିୟମିତ ଶିକ୍ଷକ କ୍ରମେ ଅବସର ନେଉଥିବାରୁ କେଉଁଠି ଜଣେ ତ କେଉଁଠି ଦୁଇ ଜଣ ଓ କିଛି ସ୍ଥାନରେ ୩ଜଣଯାଏ ନିୟମିତ ଶିକ୍ଷକ ଅଛନ୍ତି । ଅତିଥି ଶିକ୍ଷକ ଉପରେ ନିର୍ଭର କରି ଏହି ସ୍କୁଲ ଗୁଡ଼ିକ ଚାଲିଛି । ସେହି ଅତିଥି ଶିକ୍ଷକ ମଧ୍ୟ ଯଥେଷ୍ଟ ନଥିବାରୁ ଜଣେ ଅତିଥି ଶିକ୍ଷକ ସପ୍ତାହରେ ପାଳି କରି ୨/୩ଟି ସ୍କୁଲ ରେ ବି ପାଠ ପଠାଉଛନ୍ତି । ମୁଖ୍ୟତଃ ପେନସନ ପାଉନଥିବା ଏଡ଼େଡ଼ ସ୍କୁଲ ଗୁଡ଼ିକର ଅବସରପ୍ରାପ୍ତ ଶିକ୍ଷକମାନେ ଏହି ଏହି ଅତିଥି ଶିକ୍ଷକ ଭାବେ କାମ କରିବାକୁ ଆବେଦନ କରିଥାନ୍ତି । ପେନସନ ପାଉଥିବା ଅବସରପ୍ରାପ୍ତ ଶିକ୍ଷକମାନେ ଏଥିପାଇଁ ଆଗ୍ରହ ପ୍ରକାଶ କରିବା ବିରଳ । ତେବେ ମାସକୁ ମାତ୍ର ୧୨ ହଜାର ଟଙ୍କାରେ ନିଯୁକ୍ତି ପାଇଥିବା ଏହି ବରିଷ୍ଠ ଅଭିଜ୍ଞ ଅତିଥି ଶିକ୍ଷକମାନେ ଯଦି ମାସ ଶେଷରେ ଦରମା ସେତକ ନପାଇବେ ତେବେ ସେମାନେ କିଭିଳି ଚଳିବେ ଓ ଶିକ୍ଷାଦାନ କରିବେ ତାହା ଅନ୍ତତଃ ସରକାରୀ ବାବୁ ମାନେ ବୁଝିବା ଆବଶ୍ୟକ । ସେମାନେତ ସରକାରୀ ବାବୁ କି କର୍ମଚାରୀ ନୁହଁନ୍ତି ଯେ ଦରମା ଯେବେ ମିଳୁଛି ମିଳୁ ଉପୁରିରିରୁ ଚଳିଯିବେ ! ତୁରନ୍ତ ସେମାନଙ୍କୁ ଚଳିତ ବର୍ଷର ବକେୟା ଦୁଇ ମାସର ଦରମା ଦେଇ ଶିକ୍ଷାଦାନକୁ ବ୍ୟବସ୍ଥିତ କରିବା ଆବଶ୍ୟକ । ଅନ୍ୟ ପକ୍ଷରେ ଏଡ଼େଡ଼ ସ୍କୁଲ ଗୁଡ଼ିକର ଭବିଷ୍ୟତ ନେଇ ଏବେ ଠାରୁ ଶିକ୍ଷା ବିଭାଗ ଗୁରୁତର ସହ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି ।

### ସ୍କୁଟି-ବାଇକୟ...

ମୃତ୍ୟୁ ହୋଇଥିଲା। ତେବେ ସ୍କୁଟି ଚାଳକ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଯାହାକୁ ନେଇ ଘଟଣା ସ୍ଥଳରେ ପୋଲିସ ପହଂଚି ଅଧିକ ତଦନ୍ତ ଜାରି ରଖିଛି।

### ବିଶ୍ୱବ୍ୟାଙ୍କର ୧୪...

ଯେ, ଆଇନଗତ ଭାବରେ, ଆପଣ କିଛି କରିପାରିବେ ନାହିଁ। ସରକାର ପାଣ୍ଠିକୁ ଅନ୍ୟତ୍ର ପଠାଇପାରନ୍ତି ଏବଂ ପରେ ସ୍ପଷ୍ଟୀକରଣ ଦେଇପାରନ୍ତି। ନିର୍ବାଚନ ପରେ ସ୍ପଷ୍ଟୀକରଣ ଆସିବ। ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଅନ୍ୟ ବିଜେପି ଶାସିତ ରାଜ୍ୟରେ ଆଗାମୀ ନିର୍ବାଚନ ଅଛି। ଆପଣ ପ୍ରତିଶ୍ରୁତି ଦେଲେ କ'ଣ ହେବ, ଅନ୍ୟ ଦଳ ଟଙ୍କା ଦେଉଛନ୍ତି, ଯାହା ଭୋଟରଙ୍କୁ ଭିନ୍ନ ଭାବରେ ପ୍ରଭାବିତ କରୁଛି।'

ବିହାର ଦୁଃସ୍ଥିତି ସମ୍ପର୍କରେ ଦର୍ଶାଇ ଶ୍ରୀ ବର୍ମା କହିଛନ୍ତି ଯେ ବିହାରର ସାର୍ବଜନୀନ ଋଣ ବର୍ତ୍ତମାନ ୪.୦୬ ଲକ୍ଷ କୋଟି ଟଙ୍କା ହୋଇଛି। ଦୈନିକ ୬୩ କୋଟି ଟଙ୍କା ସୁଧ ବୋଝ ରହିଛି। ତେଣୁ ବର୍ତ୍ତମାନ ରାଜ୍ୟ ରାଜକୋଷ ଖାଲି ପଡିଛି ବୋଲି ସେ କହିଛନ୍ତି।

ସୂଚନା ଥାଉକି ନଭେମ୍ବର ୧୪ ତାରିଖରେ ବିହାର ନିର୍ବାଚନ ଫଳାଫଳ ଘୋଷଣା ପରେ ପ୍ରଶାନ୍ତ କିଶୋରଙ୍କର ନବଗଠିତ ଜନସୁରାଜ ପାର୍ଟି ଗୋଟିଏ ବି ଆସନ ଜିତାପାରି ନଥିଲା। ଦଳ ୨୩୮ ଆସନରେ ଲଢ଼ିଥିଲେ ବି କୌଣସି ପ୍ରାର୍ଥୀ ଭୋଟରଙ୍କ ମନ ଆକର୍ଷିତ କରିପାରି ନଥିଲେ। ଅନ୍ୟପଟେ ନୀତୀଶ ନେତୃତ୍ୱରେ ଏନଡିଏ ୨୦୨ଟି ଆସନ ଜିତିଥିଲା। ଯେଉଁଥିରେ ବିଜେପି ୮୯ଟି ଓ ଜେଡିୟୁ ୮୫ଟି ଆସନ ପାଇଥିଲେ। ସେହିପରି ଚିରାଗ ପାଶୱାନଙ୍କ ଏଲଜେପି ମଧ ଭଲ ପ୍ରଦର୍ଶନ କରିଥିଲା। ଅନ୍ୟପଟେ ଆରଜେଡି ଓ କଂଗ୍ରେସର ମହାଗଠବନ୍ଧନ ଭୟଙ୍କର ବିପର୍ଯ୍ୟୟର ସାମ୍ନା କରିଥିଲା। ଆରଜେଡି ୨୫ ଆସନ ଜିତିଥିବା ବେଳେ କଂଗ୍ରେସ ମାତ୍ର ୬ଟି ଆସନରେ ସୀମିତ ରହିଥିଲା।

### ଅଦାଲତଙ୍କ ନିର୍ଦ୍ଦେଶ...

ଶିକ୍ଷା ଅଧିକାରୀମାନଙ୍କୁ ପତ୍ରଲେଖି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ସଂକ୍ରାନ୍ତରେ ଉଲ୍ଲେଖ କରି ଏ ବାବଦରେ ରାଜକୋଷ ଉପରେ କେତେ ଆର୍ଥିକ ଚାପ ପଡିବ ସେ ସଂକ୍ରାନ୍ତରେ ଜଣାଇବାକୁ କୁହାଯାଇଛି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ମଧ୍ୟ ଅନୁରୂପ ଅନ୍ୟଏକ ପତ୍ରରେ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଆରଏସିପି ସୁବିଧା ସଂକ୍ରାନ୍ତରେ ଲେଖିଛନ୍ତି । ତେବେ କେବଳ ଯେଉଁମାନେ ମୋକଦ୍ଦମା କରିଥିଲେ ସେହିମାନଙ୍କୁ ଏହି ଆର୍ଥିକ ସୁବିଧା ମିଳିବ ନା ସମସ୍ତ ବଞ୍ଚିତ ଶିକ୍ଷକ ଶିକ୍ଷୟତ୍ରୀ ଏହା ପାଇବେ ସେଥିଘେନି କିନ୍ତୁ କେହି ସ୍ପଷ୍ଟଭାବେ କହୁନାହାନ୍ତି । ଏ ପରିପ୍ରେକ୍ଷୀରେ ଏବେ କାର୍ଯ୍ୟରତ ଥିବା ଓ ଅବସରଗ୍ରହଣ କରିଥିବା ଅନେକ ବଞ୍ଚିତ ଶିକ୍ଷକ ଶିକ୍ଷୟତ୍ରୀ ପୁଣି ନ୍ୟାୟାଳୟ ମୁହାଁ ହେଉଛନ୍ତି ବୋଲି ବିଭାଗୀୟ ଅଧିକାରୀମାନେ ଅବଶ୍ୟ ସ୍ୱୀକାର କରୁଛନ୍ତି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ